ଧରିତ୍ରୀ
DHARITRI

31 January - 6 February, 2021 ₹ 2/-

# ଛୁଟିଦିନ





୩

ପ୍ରଚ୍ଛଦ ପ୍ରସଙ୍ଗ

## ସେବା ହିଁ ଆଦର୍ଶ

ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ଆଦର୍ଶ କରିଥିବା କିଛି ଯୁବପିଢ଼ିଙ୍କ ସମ୍ପର୍କରେ...



ସିନେମା

୮/୯

ସହରଠୁ ଦୂର

୧୩

## ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ

# ଉଷୁମ ପାଣି

**ସୁସ୍ଥ ଶରୀର ପାଇଁ ଉତ୍ତମ, ପୁଷ୍ଟିକର ଖାଦ୍ୟର ଯେତିକି ଆବଶ୍ୟକ; ପାଣି ମଧ୍ୟ ସେତିକି ଆବଶ୍ୟକ । ହେଲେ ଉଷୁମ ପାଣିର ସେବନ ଆମ ଶରୀର ପାଇଁ କେତେ ଉପକାରୀ ଜାଣନ୍ତୁ ସେ ସମ୍ପର୍କରେ...**

➢କମ୍ ପାଣି ପିଉଥିବା ବ୍ୟକ୍ତିମାନଙ୍କ ଶରୀରରେ ଜଳୀୟ ଅଂଶ କମିଯିବା ଦ୍ୱାରା ସେମାନେ ବେଳେବେଳେ ଡିହାଇଡ୍ରେସନ(ନିର୍ଜଳୀୟନ)ର ଶିକାର ହୋଇଥାନ୍ତି। ଏପରି କି ସେମାନଙ୍କ ଖାଦ୍ୟନଳୀରେ ବି ଜଳ କମି ଯିବାର ସମ୍ଭାବନା ଦେଖାଯାଇଥାଏ ; ଯଦ୍ୱାରା ସେମାନେ ତଳ୍ପେଟ ବା ଅନ୍ତନଳୀରେ କଷ୍ଟ ଅନୁଭବ କରିଥାନ୍ତି। ଏ ସମସ୍ୟାରୁ ଶୀଘ୍ର ମୁକ୍ତି ପାଇବାକୁ ହେଲେ ନିୟମିତ ଉଷୁମ ପାଣି ପିଇବା ଆବଶ୍ୟକ। କାରଣ ଉଷୁମ ପାଣି ପିଇଲେ ଖାଦ୍ୟ ଶୀଘ୍ର ହଜମ ହେବା ସହ ଠିକ୍ ସମୟରେ ଭୋକ ଲାଗିଥାଏ। ଫଳରେ ଆଉ କୋଷ୍ଠ କାଠିନ୍ୟ ସମସ୍ୟା ଦେଖାଯାଏ ନାହିଁ।



➢ଉଷୁମ ପାଣି ପିଇଲେ ଶରୀରର ତାପମାତ୍ରା ବୃଦ୍ଧି ପାଇ ଝାଳ ବାହାରେ। ଆଉ ସେହି ଝାଳଦ୍ୱାରା ଶରୀରର ବର୍ଜ୍ୟବସ୍ତୁ ବାହାରିଯାଏ।

➢ଉଷୁମ ପାଣି ଶରୀରର ରକ୍ତ ସଂଚାଳନ ପ୍ରକ୍ରିୟାକୁ ତୀବ୍ର କରିବା ସହ ମାଂସପେଶୀକୁ ହାଲ୍କା କରିବାରେ ସାହାଯ୍ୟ କରିଥାଏ ।

➢ନିୟମିତ ଉଷୁମ ପାଣି ପିଇବା ଦ୍ୱାରା ମଧ୍ୟ ଶରୀରର ମେଦ ହ୍ରାସ ହୋଇଥାଏ ।

➢ଥଣ୍ଡା, କାଶ, କଫ ଦୂର କରିବାରେ ମଧ୍ୟ ଉଷୁମ ପାଣି ବହୁତ ଉପଯୋଗୀ।

➢ଉଷୁମ ପାଣି ପିଇବା ଦ୍ୱାରା ମାନସିକ ଚାପ ବି କମ୍ ହୋଇଥାଏ ; ଫଳରେ ଶରୀର ଫୁର୍ତ୍ତି ଲାଗେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

୩୧ ଜାନୁୟାରୀ- ୬ ଫେବୃୟାରୀ, ୨୦୨୧

| ମେଷ | ବୃଷ | ମିଥୁନ | କର୍କଟ | ସିଂହ | କନ୍ୟା |
|---|---|---|---|---|---|
| ନୂତନ କାର୍ଯ୍ୟାରମ୍ଭ, ପାରିବାରିକ ସହଯୋଗ, ବନ୍ଧୁଙ୍କ ସହାନୁଭୂତି, ପଡୋଶୀଙ୍କ ଆକ୍ଷେପୋକ୍ତି, ସାହିତ୍ୟ ସଙ୍ଗୀତରେ ଉନ୍ନତି, ଗୃହନିର୍ମାଣରେ ବାଧା, ପ୍ରଶାସନିକ ସଫଳତା, ବୃତ୍ତି ବାଣିଜ୍ୟରେ ପ୍ରତିବନ୍ଧକ। | ଦୈହିକ ସୁସ୍ଥତା, କାର୍ଯ୍ୟରେ ଶିଥିଳତା, ଉପରିସ୍ଥଙ୍କ ତାଗିଦ, ଅର୍ଥ ସମ୍ପଦ ପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ବନ୍ଧୁ ମିଳନ, ଭ୍ରମଣ ସୁଯୋଗ ମିଳିବ, ମନୋରଞ୍ଜନରେ ରୁଚି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ। | ଦୂରଯାତ୍ରାରେ ସଫଳତା, ସଭାସମିତିକୁ ନିମନ୍ତ୍ରଣ, ସମ୍ପର୍କୀୟଙ୍କ ଅଣଦେଖା, ଅବହେଳାରୁ ସୁଯୋଗହାନି, ତୀର୍ଥାଟନର ଯୋଜନା, ମାନସିକ ଅବସାଦ, ଆରୋଗ୍ୟଲାଭ, ପଦମର୍ଯ୍ୟାଦା ବୃଦ୍ଧି। | ନୂତନ ଯୋଜନାରମ୍ଭ, ସାହାଯ୍ୟର ପ୍ରତିଶ୍ରୁତି, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଳାମିଶାରୁ ସମାଧାନ, ନୂତନ ସମ୍ପର୍କ ଯୋଡିବେ, ଆନୁଷ୍ଠାନିକ ତତ୍ପରତା, ସାମାଜିକ ସ୍ୱୀକୃତି, ଅଭାବ ଦୂର ହେବ। | ପ୍ରତିବନ୍ଧକ ଦୂର ହେବ, ଆର୍ଥିକସ୍ଥିତି ବଦଳିବ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଅପ୍ରିୟ ସତ୍ୟରୁ କଳହ, ପାରିବାରିକ ସହମତି, ପ୍ରିୟଜନଙ୍କ ସାନ୍ନିଧ୍ୟ, ଚୁକ୍ତିପତ୍ର ସମ୍ପାଦନ, ସାମ୍ବାଦିକତାରୁ ଗୌରବ। | ମାନସିକ ଅସ୍ଥିରତା, ବନ୍ଧୁଙ୍କ ସାନ୍ତ୍ୱନା, ଶୁଭଖବର ପ୍ରାପ୍ତି, ଅନୁକୂଳ ପରିବେଶ, ସମ୍ପର୍କ ହାନିର ଆଶଙ୍କା, ପରିବାରରୁ ପ୍ରତିରୋଧ, ଦୂରସ୍ଥାନକୁ ଯାତ୍ରା, ବନ୍ଧୁଙ୍କ ପ୍ରତାରଣା, ପରିବହନରେ ଝଗଡା, ଯାନ୍ତ୍ରିକ ଜିନିଷ କ୍ରୟ। |

| ତୁଳା | ବିଛା | ଧନୁ | ମକର | କୁମ୍ଭ | ମୀନ |
|---|---|---|---|---|---|
| ଆତ୍ମୀୟଙ୍କ ଭର୍ତ୍ସନା, ନିରୁତ୍ସାହିତ ହେବେ, କର୍ମକ୍ଷେତ୍ରରେ କଳହ, କ୍ରୀଡ଼ାରେ ସଫଳତା, ପାରିବାରିକ ମନାନ୍ତର, ସାମାଜିକ ସମ୍ମାନ, ଅର୍ଥ, ଦ୍ରବ୍ୟ ଲାଭ, ନିଯୁକ୍ତି ଖବର ପ୍ରାପ୍ତି। | ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ବୀମାଧନ ପାଇବେ, ଚୁକ୍ତିନାମାରେ ପରିବର୍ତ୍ତନ, ଆଶା ମଉଳି ଯାଇପାରେ, ଶୁଭ କାର୍ଯ୍ୟରେ ଯୋଗଦାନ, ଆନୁଷ୍ଠାନିକ ପ୍ରସ୍ତୁତି, ସନ୍ତାନଙ୍କ ବିଶୃଙ୍ଖଳା, ପଡୋଶୀଙ୍କ ଈର୍ଷା, ସହକର୍ମୀଙ୍କ ଅପପ୍ରଚାର। | ପକ୍ଷପାତରୁ ବିତର୍କ, କ୍ରନିକ ରୋଗରେ ପୀଡା, ବିବାଦଗ୍ରସ୍ତ ହେବେ, ଖର୍ଚ୍ଚାଧିକ୍ୟରୁ ମନସ୍ତାପ, ଟେନସନ ବଢିବ, ଭୁଲ୍ ବୁଝାମଣାରୁ ଅଶାନ୍ତି, ବ୍ୟବସାୟିକ ସଫଳତା, ପରିବହନରେ ପ୍ରତିବନ୍ଧକ, କର୍ମଜଞ୍ଜାଳ ବୃଦ୍ଧି। | ମାନସିକ ଦୁଶ୍ଚିନ୍ତା, ପରିସ୍ଥିତି ବିଗିଡିଯିବ, ଉଚ୍ଚବର୍ଗଙ୍କ ଅନୁକମ୍ପା, ପାରିବାରିକ ସମର୍ଥନ, ବୃଥା ଭ୍ରମଣରୁ ଅଶାନ୍ତି, ସ୍ଥାନାନ୍ତର ଚିନ୍ତା, ରାଜନୈତିକ ଅସ୍ଥିରତା, ପ୍ରକାଶନରେ ଦ୍ୱନ୍ଦ୍ୱ, ଗୃହସୀମା ବିବାଦ, ଋଣ ପରିଶୋଧର ଚାପ। | ସ୍ଥଗିତ କର୍ମାରମ୍ଭ, ଅଭିଳାଷ ପୂରଣ, ବିଜାତୀୟଙ୍କ ସାହାଯ୍ୟ, ଅଭାବ ଦୂର ହେବ, ଏଜେନ୍ସିପ୍‌ରେ ଉନ୍ନତି, ଉଦ୍ୟମ ସିଦ୍ଧିରେ ବିଳମ୍ବ, ପ୍ରତିଯୋଗିତାରେ ସଫଳତା, ବ୍ୟବସାୟରେ ଝଗଡା, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନି, ମୂଲ୍ୟବାନ୍ ଦ୍ରବ୍ୟଲାଭ। | କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମନ ଖୁସୀ ରହିବ, ଫାଇଲ୍ କାମ ବୃଦ୍ଧି, କଳା ଅଭିନୟରୁ ପ୍ରଶଂସା, ଭ୍ରାତୃ ସମ୍ପର୍କରେ ଉନ୍ନତି, ଜମିଜମା ବିବାଦ, ସମ୍ପର୍କରୁ ଅପନିନ୍ଦା, ଅଧସ୍ତନଙ୍କ ଅନୁରକ୍ତି, ଶିଳ୍ପ ବାଣିଜ୍ୟରେ ଉନ୍ନତି, ମିତ୍ରବନ୍ଧୁଙ୍କ ସହଯୋଗ। |

# କାକ୍ଟସ୍ ମସାଜ

**କା**କ୍ଟସ୍ ହେଉଛି ଏକ କଣ୍ଟକମୟ ଉଦ୍ଭିଦ ; ଯାହାକୁ ଖାଲି ହାତରେ ଧରିବାକୁ ବି ଡର ଲାଗେ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ମେକ୍ସିକୋର ପୁନ୍ଟା ମିଟାଠାରେ ପର୍ଯ୍ୟଟକଙ୍କୁ କାକ୍ଟସ୍‌ର ମସାଜ୍ ଦିଆଯାଇଥାଏ ; ଆଉ ଯାହାର ଭଲ ଚାହିଦା ବି ସେଠାରେ ରହିଛି। କାରଣ ଏହି ମସାଜ୍ ଯନ୍ତ୍ରଣାଦାୟକ ନ ହୋଇ ବେଶ୍ ଆରାମ ଦାୟକ ହୋଇଥାଏ। ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା, କଣ୍ଟକିତ ଉଦ୍ଭିଦରେ ପୁଣି ଆରାମଦାୟକ ମସାଜ୍ ! ଆଜ୍ଞା ହଁ, ଏହା ଶତ ପ୍ରତିଶତ ସତ। କାରଣ ଏଠାରେ କାକ୍ଟସ୍‌ର ସବୁ କଣ୍ଟାକୁ କାଢି ସାରିବା ପରେ ତା'ପରେ ସେଥିରେ ମସାଜ୍ ଦିଆଯାଇଥାଏ। ଏହି ମସାଜ୍ ଥେରାପିରେ ମୁଖ୍ୟତଃ ହାକାଲି କାକ୍ଟସ୍ ବ୍ୟବହାର କରାଯାଉଥିବାରୁ ଏହା



ହାକାଲି କାକ୍ଟସ୍ ମସାଜ ନାମରେ ପରିଚିତ। ଚର୍ମରେ ଜଳୀୟ ଅଂଶ ବୃଦ୍ଧି ସହ ଚର୍ମର ଉଜ୍ଜ୍ୱଳତା ବଢାଇବା ପାଇଁ ସାଧାରଣତଃ ଏହି ମସାଜ ଦିଆଯାଇଥାଏ। ତେଣୁ ମେକ୍ସିକୋର ସମୁଦ୍ର ବେଳାଭୂମିକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକମାନେ ଏହି ମସାଜର ଭରପୂର ଆନନ୍ଦ ନେଇଥାନ୍ତି।

# ପାଠକୀୟ

➢ଓଡ଼ିଶା ମାଟିରେ ଜନ୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶକୁ ସ୍ୱାଧୀନତା ଦେବା ପାଇଁ ସହିଥିବା କଷ୍ଟ ଓ କରିଥିବା ତ୍ୟାଗକୁ ଆଜି ବି ପ୍ରତି ଭାରତୀୟ ବିଶେଷ କରି ଓଡ଼ିଶାବାସୀ ଝୁରି ହେଉଛନ୍ତି। ସେଥିପାଇଁ ତାଙ୍କ ସ୍ମୃତିକୁ କାଳକାଳକୁ ସାଇତି ରଖିବାକୁ ଯଥେଷ୍ଟ ପ୍ରୟାସ କରାଯାଉଛି ; ଯାହାର ଫଳସ୍ୱରୂପ କାଳକ୍ରମେ ନେତାଜୀଙ୍କ ସ୍ମୃତିରେ ଓଡ଼ିଶାରେ ଗଢିଉଠିଛି ଅନେକ ସଂଗ୍ରହାଳୟ। ଆଉ ସେହି ସଂଗ୍ରହାଳୟଗୁଡ଼ିକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନେତାଜୀଙ୍କ ସ୍ମୃତିରେ'ଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇପାରିଥିଲା। 'ଚାଉଳ ଗହମରେ ପୋକ ହେଉଥିଲେ' ଏବଂ 'ଭାରତୀୟ ବାସ୍ତୁକଳାର ସୌନ୍ଦର୍ଯ୍ୟ' ଆଦି ପାଠଦୁଇଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**–ଶଶାଙ୍କ ବଳିୟାରସିଂହ, ଶାସ୍ତ୍ରୀନଗର, ଭୁବନେଶ୍ୱର**

➢ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନେତାଜୀଙ୍କ ସ୍ମୃତିରେ' ଏକ ଅନନ୍ୟ ଉପସ୍ଥାପନା। ସୃଜନ ପୃଷ୍ଠାରେ ସ୍ଥାନିତ କବିତାଗୁଡ଼ିକୁ ପଢି ଆନନ୍ଦିତ ହେଲି। ସେହିପରି 'ସାହାରା' ନାମକ ଗପଟିରେ ଗାଳ୍ପିକ ଜଣେ ଝିଅର ଦାୟିତ୍ୱକତା ଓ ବ୍ୟକ୍ତିସତ୍ତାକୁ ସୁନ୍ଦର ଭାବରେ ଉପସ୍ଥାପନା କରିଥିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ବି ପଢିବାକୁ ବହୁତ ଭଲ ଲାଗିଲା।

**–ନିରଞ୍ଜନ ସାହୁ, ନେତପୁର, ନାଗପୁର, ପୁରୀ**

➢ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଡୋଲି ଡିଜାଇନ୍ ବ୍ଲାଉଜ' ସମ୍ପର୍କରେ ଅନେକ କିଛି ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଯୁବଶିଳ୍ପୀ ପଦ୍ମଚରଣ ମହାରଣାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଜାଣି ସଂସାର ପଥରେ ଆଗକୁ ବଢିବା ପାଇଁ ବହୁ ପ୍ରରଣା ମିଳିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ହୋଇଥିଲା।

**–ପ୍ରକାଶ ଝା, ଜୟପୁର, କୋରାପୁଟ**

➢ସିନେମା ପୃଷ୍ଠାରେ ସ୍ଥାନିତ କ୍ରିତିଙ୍କ ବୋଲ୍ଡ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ମନଛୁଆଁ ହେଉଥିବାରୁ ଖୁସି ଲାଗିଲା। 'ଉଜ୍ଜ୍ୱଳ ଜୀବ' ପାଠଟିରୁ ଏମିତି ଅନେକ ବିରଳ ଜୀବଙ୍କ ସମ୍ପର୍କରେ ଜାଣି ହେଲା, ଯେଉଁମାନଙ୍କ ଶରୀରରୁ ଟିକେ ଭିନ୍ନ ଧରଣର ଆଲୋକ ବାହାରିଥାଏ ; ଯାହା କି ଖୁବ୍ ଆଶ୍ଚର୍ଯ୍ୟକର। ସେହିପରି ମଡେଲ୍ ମିରର୍‌ରେ 'ପ୍ରିୟା' ବେଶ୍ ସୁନ୍ଦରୀ ଦେଖାଯାଉଥିଲେ।

**–ଅରବିନ୍ଦ ସ୍ୱାଇଁ, ଆଳି, କେନ୍ଦ୍ରାପଡ଼ା**



## ବିଶେଷ ଚିଠି

ସାଂପ୍ରତିକ ସମୟର ପତ୍ରିକା ମଧ୍ୟରେ,
ଧରିତ୍ରୀର ଛୁଟିଦିନ ରହିଛି ଆଗରେ।
ଆନ କେହି ସରି ନୁହେଁ ତା' ଲେଖା, ରୂପରେ,
ଧରିତ୍ରୀ ସାଥିରେ ଆସେ ପ୍ରତି ରବିବାରେ।
ପ୍ରଚ୍ଛଦ ପ୍ରସଙ୍ଗ, ଗପ ସୃଜନ ପୃଷ୍ଠାରେ,
ସିନେମା ଖବର, ସାଥୀକଥା ମନହରେ।
କାର୍ଟୁନ କର୍ନର, ହାଃ ହାଃ, ବ୍ୟାକ୍‌ପେଜ୍ ଖବର,
ପଢି ମନୁ ଅବସାଦ ହୋଇଯାଏ ଦୂର।

**–ଡ. ଶରତ କୁମାର ଚଉଁରୀ,**
**ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସେବା ହିଁ ଆଦର୍ଶ





**ଜାଗ** ଭାରତ ! ଉଠ ! ଜାଗ ! ଲକ୍ଷ୍ୟପ୍ରାପ୍ତି ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତ ହୁଅ ନାହିଁ । ନିର୍ଭୀକ ହୁଅ, ସାହସୀ ହୁଅ, ତୁମେ ଜଣେ ଭାରତବାସୀ ବୋଲି ଗର୍ବିତ ହୁଅ ଏବଂ ଗର୍ବର ସହିତ ଘୋଷଣାକର– ‘ମୁଁ ଜଣେ ଭାରତବାସୀ, ପ୍ରତ୍ୟେକ ଭାରତବାସୀ ମୋର ଭାଇ ।’ ଆମର ତେଜସ୍ୱୀ ପ୍ରଜ୍ଞାବାନ୍ ଏବଂ ସାହସୀ ଯୁବକ ଆବଶ୍ୟକ। ଯେଉଁମାନେ ମୃତ୍ୟୁମୁଖକୁ ଲମ୍ଫ ଦେବାର ସାହସ କରିପାରନ୍ତି, ସନ୍ତରଣ କରି ମହାସମୁଦ୍ର ଅତିକ୍ରମ କରିବାକୁ ପ୍ରସ୍ତୁତ ଥାଆନ୍ତି, ଏପରି ଶହଶହ ସଂଖ୍ୟାରେ ଯୁବତୀ ଯୁବକ ଆମର ଆବଶ୍ୟକ। କେବଳ ଏହି ଲକ୍ଷ୍ୟରେ ଉପନୀତ ହେବା ପାଇଁ ତୁମେ ଯଥାସମ୍ଭବ ଚେଷ୍ଟିତ ହୁଅ । ନିଜ ଚାରିପଟେ ଥିବା ଲୋକମାନଙ୍କର ହୃଦୟ ପରିବର୍ତ୍ତନ କାର୍ଯ୍ୟରେ ଲାଗିପଡ଼ ଏବଂ ସେମାନଙ୍କୁ ଆମର ସଚ୍ଚରିତ୍ର ନିର୍ମାଣକାରୀ ଯନ୍ତ୍ରରେ ସନ୍ନିବେଶିତ କର। ଏମିତି ଅଜସ୍ର ମହତ୍ ବାଣୀ ଯାହା ବ୍ୟକ୍ତି ନିର୍ମାଣ ଏବଂ ରାଷ୍ଟ୍ର ଗଠନର ହିତ ପାଇଁ ପ୍ରେରଣା ଦେଇଥାଏ। ଏହା ଥିଲା ନବଭାରତର ମହାନ୍ ତପସ୍ୱୀ ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ, ଯେ କି ସମଗ୍ର ଭାରତବର୍ଷ ପରିଭ୍ରମଣ କରି ବିଭିନ୍ନ କ୍ଷେତ୍ରକୁ ଅନୁଭବ କରି ସତ୍ୟକୁ ପ୍ରକାଶ କରିବା ପାଇଁ ଉଦ୍ୟମ କରିଥିଲେ। ସେ ଦେଖିଥିଲେ, ଭାରତର ଗୌରବମୟ ଅତୀତକୁ, ଉଜ୍ଜ୍ୱଳମୟ ଭବିଷ୍ୟତକୁ ଏବଂ ଦୁଃଖଦୈନ୍ୟର ପରିସ୍ଥିତକୁ। ତେବେ ଏହି ମହାପୁରୁଷଙ୍କ ଆଦର୍ଶ ଜୀବନର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇଥିବା ଅନେକ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ସଂଖ୍ୟା କିଛି କମ୍ ନୁହେଁ । ମାତ୍ର ଏମିତି କେତେ ଜଣଙ୍କ ସମ୍ପର୍କରେ...

**ପୁସ୍ତକ ବଦଳାଇଦେଲା ଜୀବନର ଗତିପଥ:**

ଥରେ ସାଙ୍ଗମାନଙ୍କ ସହିତ ସେ ଏକ ଦର୍ଶନୀୟ ପୀଠକୁ ବୁଲିବାକୁ ଯାଇଥିଲେ । ମାତ୍ର ସେଠାରେ ଥିବା ପାଠାଗାରରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପୁସ୍ତକ ପଢ଼ି ସେ ବଦଳିଗଲେ । ସେବେଠାରୁ ସ୍ୱାମୀଜୀଙ୍କ ବିଚାରଧାରାରେ ସେ କାର୍ଯ୍ୟରତ ହେଲେ । ସେ ହେଲେ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଜନ୍ମ ୧୯୬୪ ମସିହା ଜାନୁୟାରୀ ୧, ପିତା ଦେବରାଜ ପାଣିଗ୍ରାହୀ, ମା’ ଲାବଣ୍ୟବତୀ, ଘର ଗଞ୍ଜାମ ଜିଲାର ବ୍ରହ୍ମପୁରରେ । ସେ କୁହନ୍ତି– ସ୍ନାତକ ପରେ ଥରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିଲି ରାମେଶ୍ୱର। ସେଠାରୁ କନ୍ୟାକୁମାରୀ ଦେଖିବା ପାଇଁ ମନରେ ଆଗ୍ରହ ସୃଷ୍ଟିହେଲା। ତା’ପରେ ଟି.ଜି. ନାଗରାଜଙ୍କ ଅନୁରୋଧକ୍ରମେ ୧୯୯୨ ମସିହାରେ କନ୍ୟାକୁମାରୀ ଯାଇଥିଲୁ। ସ୍ୱାମୀ ବିବେକାନନ୍ଦଙ୍କ ଶିଳା ସ୍ମାରକୀ ଦେଖିଲି। ଏଠାରେ ୩ଦିନ ରହିଲି। ଏକ ପାଠାଗାରରେ ସ୍ୱାମୀଜୀଙ୍କ ସମ୍ପର୍କରେ ଏକ ପୁସ୍ତକ ପଢ଼ିଥିଲି। ଯେଉଁଥିରେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଥିଲା ସ୍ୱୟଂ ପବିତ୍ର, ଚରିତ୍ରବାନ୍, ତେଜସ୍ୱୀ ହୁଅ ଏବଂ ଅନ୍ୟମାନଙ୍କୁ ମଧ୍ୟ କରାଅ। ଏଠାରେ ଯୋଗଶିକ୍ଷା, ଗ୍ରାମୀଣ ବିକାଶ, ପ୍ରାକୃତିକ ସମ୍ପଦର ବିକାଶ, ଭାରତୀୟ ସଂସ୍କୃତିର ବିକାଶ, ଆଧ୍ୟାତ୍ମିକ ଓ ବ୍ୟକ୍ତିତ୍ୱର ବିକାଶ ବିଷୟରେ ଜାଣିପାରିଲି। ୧୯୯୪ ମସିହାରେ ପ୍ରାୟ ୨୧ ଦିନିଆ ଯୋଗ ଶିବିରରେ ଯୋଗଦେଲି। ମନସ୍ଥ କଲି ପୂରା ସମୟ ଦେଶ ପାଇଁ ଦେବି । ମାତ୍ର ଘରେ କିଛି ସମସ୍ୟା ଥିଲା । ଏପରିକି ଭଉଣୀର ବିବାହ କାର୍ଯ୍ୟ ସାରିଲି। ସେହିବର୍ଷ ଅର୍ଥାତ୍ ୧୯୯୪ ରୁ ବ୍ୟାଙ୍କ ଚାକିରିରୁ ଅବସର ନେଇଥିଲି। ତା’ପରଠୁ ମୋ ଜୀବନର ଗତିପଥ ବଦଳିଗଲା। ସ୍ୱାମୀ ବିବେକାନନ୍ଦଙ୍କ ସେବା କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଆଜୀବନ କାର୍ଯ୍ୟକର୍ତ୍ତା ଭାବେ ସମ୍ପୃକ୍ତ ବର୍ଷ ଗୁରୁପୂର୍ଣ୍ଣିମାରେ ଟ୍ରେନିଂ ନେଲି। ସେଠାରୁ ଆମକୁ ପଠାଗଲା ଆସାମର ଏକ ଅଞ୍ଚଳକୁ, ଯେଉଁଠି ଗ୍ରାମୀଣ ବିକାଶ ପାଇଁ ୨ବର୍ଷ ରହି କାର୍ଯ୍ୟ କରିଲୁ। ୧୯୯୭ରୁ ଓଡ଼ିଶା ଫେରି ଭୁବନେଶ୍ୱରରେ ବିଧିବଦ୍ଧ ଭାବେ ସେବା, ସଂଗଠନ କାର୍ଯ୍ୟ ଚାଲିଛି। ବାଲେଶ୍ୱର, ବାରିପଦା, କେନ୍ଦୁଝର, ସମ୍ବଲପୁର ଓ ବ୍ରହ୍ମପୁର ସମେତ ପ୍ରାୟ ୧୧ଟି ଜିଲାରେ ସେବାକାର୍ଯ୍ୟ ଚାଲିଛି। ଓଡ଼ିଶା ସେବା ପ୍ରକଳ୍ପ, ସାଂଗଠନିକ, ଲୋକସମ୍ପର୍କ, ଲୋକ ସଂଗ୍ରହ, ଲୋକସଂସ୍କାର କାର୍ଯ୍ୟ କରାଯାଉଛି। ୨୦୦୬ ମସିହାରୁ ଘଟଗାଁରେ ଆନନ୍ଦାଳୟ ପ୍ରକଳ୍ପରେ ଅଧାରୁ ଶିକ୍ଷା ଛାଡୁଥିବା ପିଲାଙ୍କୁ ପାଠ ପଢ଼େଇବା ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ସଂସ୍କାର ଦିଆଯାଉଛି। ପରିବେଶ ସୁରକ୍ଷା, ଚିକିତ୍ସା ଶିବିର, ମା’ ଓ ଶିଶୁର ଯତ୍ନ ଆଦି କାର୍ଯ୍ୟକ୍ରମ କରାଯାଇଥାଏ। ୨୦୨୦ରେ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର, ଭୁବନେଶ୍ୱରଠାରେ ଏୀକ୍ୟମ୍ ଦ୍ୱାରା ପୂର୍ବ–ଭାରତର ଜନଜାତି ଜୀବନୀ ସମ୍ପର୍କରେ ଗବେଷଣା ଓ ଉତ୍‌ଥାନ ପାଇଁ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ର, ଛତିଶଗଡ଼ ଆଦି ବିଭାଗର ଓଡ଼ିଶା ପ୍ରାନ୍ତ ପ୍ରକଳ୍ପ ସଂଗଠକ ଭାବେ କାର୍ଯ୍ୟ ତୁଲାଉଛି। ଯୋଗ–ଜୀବନୀର ଗବେଷଣା, ଯୋଗ ଶିକ୍ଷକଙ୍କୁ ଶିକ୍ଷାଦାନ, ନେତୃତ୍ୱ ବିକାଶ ଓ ପରିଚାଳନା ଆଦି ଯୁବପ୍ରେରଣା ଶିବିର ଆଦିର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

**ସ୍ୱାମୀଜୀଙ୍କ ବିଚାରଧାରା ମତେ ପ୍ରରଣା ଦେଇଛି:** କେବେ କାହାର ସେବା କରିଛନ୍ତି ? ସେବାରୁ ମିଳୁଥିବା ଆତ୍ମତୃପ୍ତିକୁ ଅନୁଭବ କରିଛନ୍ତି ? ଅସହାୟ ହୋଇପଡ଼ିଥିବା ଲୋକମାନଙ୍କ ସେବା କରିଥିବା ପରୋପକାରୀ ବ୍ୟକ୍ତିଙ୍କୁ ଅନ୍ୟମାନେ ନିଶ୍ଚୟ ଦେଖିଥିବେ। ତେବେ ଯୁବକ ସମୟରେ ନିଜ ଗାଁର ଯୁବକମାନଙ୍କୁ ନେଇ ସଂଘଦ୍ୱାରା ଗାଁର ମାଟିରାସ୍ତା ମରାମତି ହେଉ କି କାହାରି ଦେହ ଅସୁସ୍ଥ ହେଲେ ଡାକ୍ତରଖାନାକୁ ନେବା, ଗାଁରେ କେବେ କାହାରି ଘର ପୋଡ଼ିବେଳେ ଦରଦୀବନ୍ଧୁ ଭାବେ ସାହାଯ୍ୟ କରିପାରିଛନ୍ତି। ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସେ ଆଗଭର। ଏହିପରି ତାଙ୍କର ନିଆରା ପରିଚୟ ସୃଷ୍ଟି ହୋଇପାରିଛି। ସେ ହେଲେ ଶରତ ଚନ୍ଦ୍ର ସେନ। ପିତା ଚକ୍ରଧର ସେନ। ଘର ଖୋର୍ଦ୍ଧା ଜିଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ ରତନପୁରରେ। ସେ କୁହନ୍ତି– ସ୍କୁଲ ସମୟରେ ବିଭିନ୍ନ ଜନସେବା କାର୍ଯ୍ୟରେ ସାମିଲ ହୋଇ ଖୁସ ହେଉଥିଲି। ସମୟକ୍ରମେ ଏହି ଅଭ୍ୟାସ ଜାରି ରହିଲା। ବାଙ୍କି ଅଞ୍ଚଳରେ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ଗାଁ ଗାଁ ବୁଲି ଚୁଡ଼ା ଚାଉଳ ସଂଗ୍ରହ କରିଥିଲୁ। ପୁଣି ୧୯୯୯ ମହାବାତ୍ୟା ସମୟରେ ଅସ୍ତରଙ୍ଗ, ଏରସମା ଯାଇ ସେବାକାର୍ଯ୍ୟ କରିଥିଲୁ। ଗାଁରେ ମାଗଣା ଚିକିତ୍ସା ଶିବିର କରାଇ ଗରିବ ଲୋକଙ୍କ ସେବା କରିବାରେ ନିଆରା ଆନନ୍ଦ ମିଳିପାରିଛି। ମାତ୍ର ୨୦୦୦ ମସିହାରେ କନ୍ୟାକୁମାରୀ ଯାଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ କିପରି ଯୁବକମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ବିଚାରାଧାରା ପ୍ରକଟ ହୋଇପାରିବ, ସେଥିପାଇଁ ଛାତ୍ରୀଛାତ୍ର ଯୁବକମାନଙ୍କ ଭିତରେ ରାଷ୍ଟ୍ର ଚେତନା ଜାଗ୍ରତ ପାଇଁ ସ୍ୱାମୀଙ୍କ ରାଷ୍ଟ୍ରପ୍ରେମ ଓ ଭକ୍ତିର ବାର୍ତ୍ତାକୁ ନେଇ ଓଡ଼ିଶାର ବିଭିନ୍ନ ସ୍କୁଲ ଓ ଗାଁରେ କାର୍ଯ୍ୟ କରିବାର ପ୍ରୟାସ ରଖିଛି। ଯୁବକମାନେ ନିରାମୟ ଜୀବନ ଧାରଣ କରିବା ସହିତ ରାଷ୍ଟ୍ରୀୟ ବିଚାରଧାରାକୁ ବୁଝିବା ସହ ଭାରତକୁ ଜାଣନ୍ତୁ ଏହା ହିଁ ସ୍ୱାମୀଙ୍କ ଆହ୍ୱାନ।

**ସ୍ୱାମୀଜୀଙ୍କ ଚିନ୍ତାଧାରାରେ ୨୨ ବର୍ଷ:** ସେ ବ୍ୟାଙ୍କ କର୍ମଚାରୀ ଥିବା ସମୟରେ କିଛି ଜନସେବା କରିବା ପାଇଁ ଚିନ୍ତାକଲେ। ଏପରିକି ସେ ଆଧ୍ୟାତ୍ମିକ ଚିନ୍ତାରେ ନିଜକୁ ପରିଚାଳିତ କଲେ। ତାଙ୍କର ଜଣେ ବନ୍ଧୁଙ୍କ ସହିତ ଶ୍ରୀରାମକୃଷ୍ଣ ମଠକୁ ବୁଲିବାକୁ ଯାଇଥିଲେ। ସେବେଠାରୁ ସେ ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରାରେ ଅନୁପ୍ରାଣିତ। ସେ ହେଲେ ରବି ନାରାୟଣ ମହାନ୍ତି। ଜଣେ ବ୍ୟାଙ୍କ କର୍ମଚାରୀ। ସେ କୁହନ୍ତି– ଡକ୍ଟର ଜଗନ୍ନାଥ ମିଶ୍ରଙ୍କ ସହିତ ୧୯୬୮ ମସିହାରେ ଶ୍ରୀରାମକୃଷ୍ଣ ମଠ, ଭୁବନେଶ୍ୱରକୁ ବୁଲିବାକୁ ଯାଇଥିଲି। ମା’ ଶାରଦା ଦେବୀଙ୍କ ଶିଷ୍ୟ ସ୍ୱାମୀ ଅପୂର୍ବାନନ୍ଦଙ୍କ ସଂସ୍ପର୍ଶରେ ଆସିଥିଲି। ଶ୍ରୀରାମକୃଷ୍ଣ ମଠ ସନ୍ନ୍ୟାସୀ ଅଦ୍ୱୈତ୍ୟ ନନ୍ଦ, ଡକ୍ଟର ସୁକାନ୍ତ ମହାନ୍ତି ପ୍ରମୁଖ ଥିଲେ। ସେବେଠାରୁ ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ। ଏଥିପାଇଁ କେତୋଟି ପୁସ୍ତକ ଛପାଯାଇଛି– ଯାହାର ନାଁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଆଲୋକ ସଫଳତାର ପାହାଚ, ରାମନାମ

→



ଦିବ୍ୟ ଭଜନ, ନରେନ୍ଦ୍ରରୁ ବିବେକାନନ୍ଦ। ପ୍ରାୟ ୭୦୦ ସ୍କୁଲ କଲେଜରେ ପ୍ରାୟ ୨ଲକ୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଓ ବହିକୁ ବଣ୍ଟନ କରିସାରିଛି। ୨୦୦୭ରେ ଶିଶୁପାଳଗଡ଼ରେ ଶ୍ରୀରାମକୃଷ୍ଣ ସେବାସଂଘ ଆଶ୍ରମ ପ୍ରତିଷ୍ଠା କରିଛୁ। ସେଠାରେ ପ୍ରତି ମାସର ପ୍ରଥମ ରବିବାର ଦିନ ଜପଯଜ୍ଞ, ଭଜନ ଆଦି କାର୍ଯ୍ୟ କରାଯାଇଥାଏ। ୧୯୯୨ରୁ ପ୍ରତିମାସ ଦ୍ୱିତୀୟ ରବିବାର ଦିନ ବିଭିନ୍ନ ମନ୍ଦିରରେ ବିଷ୍ଣୁ ସହସ୍ର ନାମ, ହନୁମାନ ଚାଳିଶା ପାଠ କରାଯାଉଛି। ଜାତୀୟ ଯୁବ ଦିବସକୁ ପାଳନ କରିଥାଉ। ଯୁବକମାନଙ୍କ ମଧ୍ୟରେ ସ୍ୱାମୀଜୀଙ୍କ ବିଚାରଧାରାକୁ ଯୋଗ ଓ ସେବା ଶିବିର କରି ସାମିଲ କରାଯାଇଥାଏ। ଏମିତିରେ ପ୍ରାୟ ୨୨ବର୍ଷ ଧରି ଏହି କାର୍ଯ୍ୟ ଚାଲିଛି।

**ପିଲାଦିନେ ବାପାଙ୍କଠାରୁ ପ୍ରେରଣା ପାଇଛି:** ପିଲାଦିନେ ମହାପୁରୁଷଙ୍କ ଜୀବନୀ ପଢ଼ି ସ୍ୱାମୀଜୀଙ୍କ ବିଷୟରେ ଅଧିକ ଜାଣିବା ପାଇଁ ତାଙ୍କୁ ଚିନ୍ତା ଘାରିଲା। ସମୟକ୍ରମେ ସ୍ୱାମୀଜୀଙ୍କ ଜୀବନଦର୍ଶନର ବିଚାରରେ ଅନୁପ୍ରାଣିତ ହୋଇ କିଛି ସେବାକାର୍ଯ୍ୟ କରିପାରୁଥିବାରୁ ନିଜକୁ ଧନ୍ୟ ମନେକରନ୍ତି। ସେ ହେଲେ ଡକ୍ଟର ଅମୂଲ୍ୟ ରଞ୍ଜନ ମହାପାତ୍ର, ପିତା ମୁରଲୀ ମନୋହର ମହାପାତ୍ର, ମା' ଗୋଲାପମଣି ମହାପାତ୍ର, ଜନ୍ମ ୧୯୪୭, ଜାନୁୟାରୀ୨୬। ସେ କୁହନ୍ତି, ଆମ ଘର ବାଲେଶ୍ୱର ଜିଲାର କୁସୁଡ଼ାରେ। ଏବେ ମୁଁ ରହୁଛି କୋରାପୁଟ ଜିଲାର ସଦର ମହକୁମାରେ। ସ୍କୁଲ ବୟସରେ ବାପାଙ୍କଠାରୁ ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀଅରବିନ୍ଦଙ୍କ ଜୀବନୀ ଆଣି ପଢ଼ିବାରେ ମତେ ଖୁବ ଭଲ ଲାଗୁଥିଲା। ଯେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଫିଲୋଶଫିରେ ପିଜି କଲି, ସେହି ସମୟରେ ଦର୍ଶନଶାସ୍ତ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ସେବା, ଧାର୍ମିକ ଚେତନା, ନୈତିକତା, ଚରିତ୍ର ଗଠନ, ଆଦର୍ଶ ଛାତ୍ର ଜୀବନ ବିଷୟରେ ମତେ ଖୁବ୍ ପ୍ରଭାବ ପକାଇଥିଲା। ସୌଭାଗ୍ୟକୁ ସେହିବର୍ଷ ଭୁବନେଶ୍ୱରର ଶ୍ରୀରାମକୃଷ୍ଣ ମଠରେ ପହଞ୍ଚି କେତୋଟି ପୁସ୍ତକ ପଢ଼ିବାର ସୁଯୋଗ ମିଳିଥିଲା। ସେଠାର ସନ୍ନ୍ୟାସୀ ତଥା ଅନ୍ୟ ବ୍ୟକ୍ତିମାନଙ୍କ ସହିତ ମୋର ପରିଚୟ ହେବାରୁ ସେମାନଙ୍କଠାରୁ କିଛି ଜାଣିବାର ସୁଯୋଗ ମିଳିଥିଲା। ଏମିତିରେ ପ୍ରାୟ ୪ବର୍ଷ ବିତି ଯାଇଥିଲା। ଲ' ପଢ଼ିଥିଲି। ତା'ପରେ ୧୯୭୨ ମସିହାରେ କୋରାପୁଟ ଡିଏଭି କଲେଜରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ପାଇଲି। ମାତ୍ର ଓଡ଼ିଶାରେ ଗରିବ, ଦଳିତ ଲୋକଙ୍କ କଥାକୁ ହୃଦଙ୍ଗମ କରି ସେମାନଙ୍କ ଉନ୍ନତି ନିମନ୍ତେ ସ୍ୱାମୀଜୀଙ୍କ ଚିନ୍ତାଧାରାରେ କିପରି କାର୍ଯ୍ୟ ହୋଇପାରିବ ସେକଥା ଉପରେ ଗୁରୁତ୍ୱ ଦେଲି। ସେଥିପାଇଁ ଏକ ପାଠଚକ୍ର, ସାପ୍ତାହିକ ଗୀତା ପାଠ, ହନୁମାନ ଚାଳିଶା ଆଦି ଆଧାତ୍ମିକ କାର୍ଯ୍ୟ ପାଇଁ ନିକଟସ୍ଥ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଏମିତି ଧର୍ମକାର୍ଯ୍ୟରେ କେତେଜଣ ସାମିଲ ହେଲୁ। ୧୯୮୬ରେ ଏଠାରେ ରାମକୃଷ୍ଣ ସତ୍‌ସଙ୍ଗ ଗଠନ ହେଲା। ମାତ୍ର ୧୯୭୧ରୁ ସକ୍ରିୟଭାବେ ସେବାକାର୍ଯ୍ୟ କଲି। କୋରାପୁଟର ଏକ ପାହାଡ଼ ଉପରେ ସ୍ୱାମୀ ବିବେକାନନ୍ଦଙ୍କ ଶିଳାମଣ୍ଡପ ସ୍ଥାପିତ ହେଲା। ହସ୍‌ପିଟାଲ ରୋଡ଼ ପଛପଟ ରୋଡ଼କୁ ବିବେକାନନ୍ଦ ମାର୍ଗ କରାଗଲା। ୧୯୯୧ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କ ଏକ ଅଢ଼େଇ ଫୁଟର ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ୨୦୧୩ ମସିହାରେ ସ୍ୱାମୀଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍ୱାମୀଜୀଙ୍କ ଏକ ୯ଫୁଟର ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଛି। ନିକଟସ୍ଥ ଆଦିବାସୀ ଗାଁର ଗରିବ ଲୋକଙ୍କୁ ବିଭିନ୍ନ ସମୟରେ ମାଗଣା ଖାଦ୍ୟ, ବସ୍ତ୍ର, ବଣ୍ଟନର ବ୍ୟବସ୍ଥା କରାଯାଇଥାଏ। ୧୯୯୦ରେ କୋରାପୁଟରୁ ଜୟପୁର ଯିବା ରାସ୍ତାରେ ବନ ଭାରତୀ ଅଞ୍ଚଳରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠ ସ୍ଥାପିତ ହୋଇଛି। ଏବେ ଏହାର ସଭାପତି ଭାବେ କାର୍ଯ୍ୟ କରୁଛି। ସ୍ୱାମୀଙ୍କ ବାଣୀ, ଆଦର୍ଶ ଜୀବନୀ, ନୈତିକତା, ଦେଶପ୍ରେମକୁ ପାଥେୟକରି ଆଗକୁ ଚାଲିଛି।


ଶରତଚନ୍ଦ୍ର ସେନ୍


ଅମୂଲ୍ୟ ରଞ୍ଜନ ମହାପାତ୍ର


ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ


ରବି ନାରାୟଣ ମହାନ୍ତି


ନଳିନୀ ସାହୁ


ସ୍ୱାମୀ ଭାଗବତାନନ୍ଦ ପୁରୀ

**ସ୍ୱାମୀଜୀଙ୍କ ବିଚାରଧାରାକୁ ବଖାଣୁଛି ବିବେକାନନ୍ଦ ଲୋକ ସଂସଦ:** ସ୍ୱାମୀ ବିବେକାନନ୍ଦଙ୍କ ଯୁଗାନ୍ତକାରୀ ଦର୍ଶନର କୃତିରୂପ ପ୍ରୟୋଗ ପାଇଁ ୧୯୮୯ରୁ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପ୍ରୟାସରତ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକସ୍ଥିତ ନମକଣ ଗ୍ରାମରୁ ମୁଷ୍ଟିମେୟ ଯୁବକଙ୍କ ଦ୍ୱାରା 'ବିବେକାନନ୍ଦ ଯୁବ ସଂସଦ' ନାମରେ ଗଢ଼ି ଉଠିଥିବା ଏହି ସଂଗଠନଟି ୨୦୧୨ ବିଜୟାଦଶମୀ ତିଥିରେ କଟକଠାରେ ଆୟୋଜିତ ଏକ ବିଶେଷ ସମ୍ମିଳନୀରେ ରାଜ୍ୟସ୍ତରୀୟ ସଂଗଠନରେ ରୂପାନ୍ତରିତ ହୁଏ। ପ୍ରକାଶଯୋଗ୍ୟ, ସେହିବର୍ଷ ହିଁ ସ୍ୱାମୀଜୀଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳିତ ହେଉଥାଏ। ଆଜୀବନ ସଦସ୍ୟଙ୍କ ନେତୃତ୍ୱରେ ପରିଚାଳିତ ଏହି ସଂଗଠନଟି ଏକ ନିଆରା କାର୍ଯ୍ୟଧାରା ନର୍ମାଣ କରିପାରିଛି। ଯେଉଁଥିରେ ପ୍ରତ୍ୟେକ ସଦସ୍ୟ ଟିମ୍ ପରିସରରେ ରହି ସାମୂହିକ ପ୍ରଚେଷ୍ଟାକୁ ବଳବତୀ କରିବା ପାଇଁ ନେତୃତ୍ୱ ନିଅନ୍ତି। ତଦନୁସାରେ ସାଂସ୍କୃତିକ ବିକାଶ, ବୌଦ୍ଧିକ ବିକାଶ, ଗ୍ରାମ ବିକାଶ ଓ ଯୁବ ବିକାଶ- ଏହିପରି ଚାରିଟି ପ୍ରଧାନ କାର୍ଯ୍ୟ ଯୋଜନାକୁ ନେଇ ଲୋକ ସଂସଦ ନିଜ ଛତ୍ରଛାୟାରେ ଯଥାକ୍ରମେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ବିଚାରଧାରା, ମୋ ଗାଁ ଏବଂ ବିବେକାନନ୍ଦ ଯୁବ ସଂସଦ ନାମରେ ଚାରିଟି ଅନୁବନ୍ଧିତ ଶାଖା ପରିଚାଳନା କରୁଛି। ୧୫୦ ଜଣ ଆଜୀବନ ସଦସ୍ୟ ବିଶିଷ୍ଟ ଏହି ସଂଗଠନଟି ଭଦ୍ରକ ଜିଲାର ମଞ୍ଜୁରୀ ରୋଡଠାରେ ଏକ ପ୍ରାଥମିକ ବିଦ୍ୟାଳୟ, ଏକ ଚିତ୍ରାଙ୍କନ ବିଦ୍ୟାଳୟ ସହ ୧୬ଟି ଜିଲାରେ ମାସିକ ଇ- ପାଠଚକ୍ରମାଳା ଆୟୋଜନ କରୁଛି। ପ୍ରବୋଧନ ନାମରେ ଗୋଟିଏ ଇ- ପତ୍ରିକା ପ୍ରତି ମାସ ପହିଲାରୁ ପ୍ରକାଶ ପାଇ ଆସୁଛି। ଦୁର୍ବିପାକ ଓ ବିପତ୍ତି ସମୟରେ ସକ୍ରିୟ ରହୁଥିବା ଏହି ସଂଗଠନଟି ଅଦ୍ୟାବଧି କୌଣସି ସରକାରୀ ସହଯୋଗ ପାଇଁ କେବେବି ଦରଖାସ୍ତ କରିନି। ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ନିୟମିତ ସେବାଭାବରେ ଲୋକ କଲ୍ୟାଣ ପାଇଁ ଆଗଭର ସଦସ୍ୟଗଣ ନିଜ ନିଜ ପରିବେଷ୍ଟନୀକୁ ଆଦର୍ଶ ସ୍ଥାନୀୟ କରି ଗଢ଼ି ତୋଳିବାକୁ ପ୍ରୟାସ କରୁଛନ୍ତି। ପ୍ରତ୍ୟେକ ଜିଲାରେ ସୁବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ବୃଦ୍ଧି ପାଇଁ ସଦସ୍ୟଗଣ ସକ୍ରିୟ ଅଛନ୍ତି। ବିଭିନ୍ନ କ୍ଷେତ୍ରରେ ସାଂଗଠନିକ ଦକ୍ଷତା ରଖିଥିବା ସ୍ୱାମୀ ବିବେକାନନ୍ଦ ଲୋକସଂସଦର ସଦସ୍ୟଙ୍କ ମୂଳମନ୍ତ୍ର ରହିଛି- ସେବା, ସଂଗଠନ ଓ ସମୃଦ୍ଧି। ବ୍ୟକ୍ତିଠାରୁ ସଂଗଠନ ବଡ଼ ବୋଲି ଯେଉଁ ମହାନ୍ ଚିନ୍ତାଧାରା ରହିଆସିଛି, ତାହାକୁ ଠିକ୍ ଭାବେ ପାଳନ କରିବା ଲାଗି ସଂଗଠନର ସଭାପତିଙ୍କ ଠାରୁ ସାଧାରଣ ସଦସ୍ୟଙ୍କଯାଏ ଉଦ୍ୟମରତ ବୋଲି ଏହାର ସାଙ୍କେତିକ ଛବି ସୂଚିତ କରୁଛି।

**ଛାତ୍ର ଜୀବନରୁ ପ୍ରଭାବ ପଡ଼ିଥିଲା:** ବଡ଼ଭାଇ ଛାତ୍ର ଜୀବନରୁ ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଜୀବନଧାରାରେ ଅନୁପ୍ରାଣିତ ହେଲେ, ମାତ୍ର ଭଉଣୀ ବି ଏଥିରେ ଯୋଡ଼ି ହୋଇଗଲେ। ଏମିତିଭାବେ ଭାଇ ହେଲେ ସନ୍ନ୍ୟାସୀ ଏବଂ ଭଉଣୀ ଅବିବାହିତା ଭାବେ ସମାଜସେବାରେ ହେଲେ ବ୍ରତୀ। ସେହେଲେ-ନଳିନୀ ସାହୁ, ପିତା-ରାମଚନ୍ଦ୍ର ସାହୁ, ମା- ବେଙ୍ଗଦେବୀ, ଗାଁ- ନୟାଗଡ଼ ଜିଲା ରଣପୁର ବ୍ଲକର ଗୋପାଳପୁରରେ। ବଡ଼ଭାଇ ଭାଗୀରଥି ସାହୁ ଯେ, କି ଶ୍ରୀରାମକୃଷ୍ଣ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରବର୍ତ୍ତୀ ସମୟରେ ସେ ନିଜର ଶିକ୍ଷକତା ଚାକିରିକୁ ଅଧାରୁ ଛାଡ଼ି ଏବେ ସ୍ୱାମୀ ଭାଗବତାନନ୍ଦ ପୁରୀଙ୍କ ନାମରେ ଘୋଷିତ। ନଳିନୀ କୁହନ୍ତି, 'ରାମକୃଷ୍ଣ ସେବାକାର୍ଯ୍ୟ ପ୍ରତି ଆଗ୍ରହ ହୋଇ ମୁଁ ଶାରଦା ମଠକୁ ଯାଇଥିଲି। ସ୍ୱାମୀଜୀଙ୍କ ଯୁବଶକ୍ତିକୁ ଆହ୍ୱାନ ଭଲ ଲାଗିଥିଲା। ସମୟକ୍ରମେ ବୋଲଗଡ଼ ଅଞ୍ଚଳର ଟିକାତାଲଠାରେ ୧୯୯୦ ମସିହାରେ ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସ୍ଥାପିତ ହୋଇଛି। ଏଥିରେ ଏବେ ସଂସ୍କୃତ ହେଡ ପଣ୍ଡିତ ଭାବେ ଦାୟିତ୍ୱ ତୁଲାଉଛି। ଏଥିରେ ସହକାରୀ ଶିକ୍ଷକ ବିମ୍ବାଧର ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥା'ନ୍ତି। ୨୦୧୮ରୁ ମାଗଣା ସିଲାଇ ଶିକ୍ଷା କେନ୍ଦ୍ର ପରିଚାଳନା, ପରିବେଶ ସୁରକ୍ଷା, ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଛାତ୍ର ଜୀବନ ବିଷୟରେ ନୈତିକଶିକ୍ଷାକୁ ଗ୍ରହଣ କରି କାର୍ଯ୍ୟ କରୁଛି। ଟିକାତାଲସ୍ଥିତ ଶ୍ରୀରାମକୃଷ୍ଣ ସେବା ସଂଘଶ୍ରମରେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଆସୁଛି। ସ୍ଥାନୀୟ ବରପାଲି, ସିନ୍ଦୁରିଆ, କୋଦଳାପଲ୍ଲୀ, ଆଦିଗାଁରେ ବିଭିନ୍ନ ସମୟରେ ଜନସେବା କାର୍ଯ୍ୟ କରିଥାଉ। ସ୍ୱାମୀଜୀଙ୍କ ଆଦର୍ଶ ଜୀବନଧାରାରେ ଅନୁପ୍ରାଣିତ ହୋଇ ସମାଜର ଗଠନମୂଳକ କ୍ଷେତ୍ରରେ ସାମିଲ ହୋଇଥିବା ବହୁ ସଂଗଠନ ଓ ବ୍ୟକ୍ତି ଅଛନ୍ତି।'

– ବନବିହାରୀ ବେହେରା



# ବ୍ରେସ୍‌ଲେଟ୍ ଫ୍ୟାଶନ





**ନାରୀ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଚୁଡ଼ିର ଭୂମିକା ଯଥେଷ୍ଟ ରହିଥାଏ। କିନ୍ତୁ ଏବେ ଦେଖିବାକୁ ମିଳୁଛି, ଟ୍ରେଣ୍ଡି ଲୁକ୍ ପାଇଁ ଅନେକ ଯୁବତୀ ହାତରେ ଖନ୍ ଖନ୍ ଶବ୍ଦ କରୁଥିବା ମୋଟାଏ ଚୁଡ଼ି ବଦଳରେ ଷ୍ଟାଇଲିଶ୍ ବ୍ରେସ୍‌ଲେଟ୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ସେଥିପାଇଁ ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ମଧ୍ୟ ଉପଲବ୍ଧ ହେଲାଣି। ଆସନ୍ତୁ ଜାଣିବା ସେମିତି କିଛି ଟ୍ରେଣ୍ଡି ବ୍ରେସ୍‌ଲେଟ୍ ସମ୍ପର୍କରେ...**

**ଲେଦର୍ ବ୍ରେସ୍‌ଲେଟ୍:** ଏହି ବ୍ରେସ୍‌ଲେଟ୍ କେବେ ବି ଆଉଟ୍ ଅଫ୍ ଫ୍ୟାଶନ୍ ହୁଏ ନାହିଁ। ତା'ଛଡ଼ା ଏହାକୁ ଆପଣ ଚାହିଁଲେ ଯେ କୌଣସି ସମୟରେ ଆଉ ଯେ କୌଣସି ଆଉଟ୍‌ଫିଟ୍ ସହ ଟ୍ରାଏ କରିପାରିବେ। ଏପରି କି କୁଲ୍ ତଥା ଷ୍ଟାଇଲିଶ୍ ଲୁକ୍ ଦେଉଥିବା ଏହି ବ୍ରେସ୍‌ଲେଟ୍‌କୁ ଆଉଟିଂରେ ଗଲାବେଳେ ବି ହାତରେ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ।

**ପର୍ଲ ବ୍ରେସ୍‌ଲେଟ୍:** ଏହା ଏକ ପ୍ରକାରର ଷ୍ଟେଟମେଣ୍ଟ ଜୁଏଲେରୀ। ଏହାକୁ ମଧ୍ୟ ଯେ କୌଣସି ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧି ମଡର୍ନ ଲୁକ୍ ପାଇହେବ। ଆଜିକାଲି ତ ଆର୍ଟିଫିସିଆଲ୍ ପର୍ଲରେ ତିଆରି ବ୍ରେସ୍‌ଲେଟ୍ ବି ମାର୍କେଟ୍‌ରେ ମିଳିଲାଣି, ଯାହା ଖୁବ୍ କମ୍ ଟଙ୍କାରେ ମିଳିଯାଉଛି। ଆପଣ ଚାହିଁଲେ ଏହି ବ୍ରେସ୍‌ଲେଟ୍ ବି ଟ୍ରାଏ କରିପାରିବେ।



**ବାଙ୍ଗଲ୍ ବ୍ରେସ୍‌ଲେଟ୍:** ଆଜିକାଲି ବାଙ୍ଗଲ୍ ବା ଚୁଡ଼ି ଡିଜାଇନ୍‌ର ବ୍ରେସ୍‌ଲେଟ୍ ବି ମାର୍କେଟ୍‌ରେ ଉପଲବ୍ଧ ହେଲାଣି, ଯାହା ଦେଖିବାକୁ ଆକର୍ଷଣୀୟ ଲାଗିବା ସହ ହାତକୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଏହାକୁ ଆପଣ ଚାହିଁଲେ ଉଭୟ ଏଥନିକ୍ ଆଉଟ୍‌ଫିଟ୍ ହେଉ ଅବା ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିପାରିବେ।

**କଫ୍ ବ୍ରେସ୍‌ଲେଟ୍:** ଏହା ପାଖାପାଖି ବାଙ୍ଗଲ୍ ବ୍ରେସ୍‌ଲେଟ୍ ପରି ଦେଖାଯାଉଥିଲେ ହେଁ ଏହାର ପଛପାଖ ପୂରା ଜଏଣ୍ଟ ନ ହୋଇ ଟିକେ ଖୋଲା ରହିଥାଏ। ସେହିପରି ଏହା ନନ୍-ଫ୍ଲେକ୍ସିବଲ୍ ହୋଇଥାଏ ; ଯଦ୍ୱାରା ଏହାକୁ ହାତରେ ପିନ୍ଧିଲେ କଟଟିରେ ଏହା ଆରାମରେ ଫିକ୍ସ ହୋଇ ରହିଯାଏ।

**ବିଡେଡ୍ ବ୍ରେସ୍‌ଲେଟ୍:** ଯଦି ଆପଣ ଅଧିକ ଦାମ୍‌ବାଲା ବ୍ରେସ୍‌ଲେଟ୍ କିଣି ପିନ୍ଧିବାକୁ ଚାହୁଁ ନାହାନ୍ତି, ତା'ହେଲେ ବିଡେଡ୍ ବ୍ରେସ୍‌ଲେଟ୍ ଟ୍ରାଏ କରନ୍ତୁ ନା। ମାର୍କେଟ୍‌ରେ ଉଡେନ୍ ହେଉ ଅବା ପ୍ଲାଷ୍ଟିକ୍ କିମ୍ବା କଲର୍‌ଫୁଲ୍ ଷ୍ଟୋନ୍ ବିଡ୍ସରେ ତିଆରି ଖୁବ୍ ସୁନ୍ଦର ସୁନ୍ଦର ବ୍ରେସ୍‌ଲେଟ୍ ଏବେ ମିଳିଲାଣି, ଯାହା ଖୁବ୍ କମ୍ ଦାମରେ ବି ମିଳି ଯାଇଥାଏ।

**ମ୍ୟାଗନେଟିକ୍ ବ୍ରେସ୍‌ଲେଟ୍:** ଏହା ଫ୍ୟାଶନେବଲ୍ ଲୁକ୍ ଦେବା ସହ ସ୍ୱାସ୍ଥ୍ୟ ଉପକାରୀ ବି ହୋଇଥାଏ। କାରଣ ଏଥିରେ ଏକ ସ୍ୱତନ୍ତ୍ର ପ୍ରକାରର ମ୍ୟାଗ୍‌ନେଟ୍ ବ୍ୟବହାର କରାଯାଇଥାଏ, ଯାହାକୁ ଥେରାପି ଅର୍ନାମେଣ୍ଟ ଭାବେ ହାତରେ ପିନ୍ଧିଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ମାର୍କେଟ୍‌ରେ ଏହାର ଅନେକ ଡିଜାଇନ୍ ବି ମିଳିଥାଏ।

**ଚାର୍ମ ବ୍ରେସ୍‌ଲେଟ୍:** ଏହାକୁ କେହି କେହି ଲକି ଚାର୍ମ ବ୍ରେସ୍‌ଲେଟ୍ ବି କହିଥାନ୍ତି। କାରଣ ଏହି ବ୍ରେସ୍‌ଲେଟ୍‌ରେ ଲାଗିଥାଏ ଏମିତି କିଛି ସ୍ୱତନ୍ତ୍ର ଲକେଟ୍ ସେପ୍‌ର ଜିନିଷ, ଯାହାକୁ ହାତରେ ପିନ୍ଧିବା ଦ୍ୱାରା ଜୀବନରେ ସବୁ କିଛି ଶୁଭ ହୁଏ ବୋଲି ଅନେକଙ୍କର ଧାରଣା ଥାଏ।

**ଜେମ୍‌ଷ୍ଟୋନ୍ ବ୍ରେସ୍‌ଲେଟ୍:** ଏହି ବ୍ରେସ୍‌ଲେଟ୍‌କୁ ପିନ୍ଧିଲେ ବ୍ୟକ୍ତିତ୍ୱ ଉପରେ ଅନେକ ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ସର୍ବଦା ନିଜ ବ୍ୟକ୍ତିତ୍ୱକୁ ସୁହାଇଲା ଭଳି ଜେମ୍‌ଷ୍ଟୋନ୍‌ର ବ୍ରେସ୍‌ଲେଟ୍ ବ୍ୟବହାର କରିବା ଦରକାର। ନଚେତ୍ ଏହାର କୁ-ପ୍ରଭାବ ପଡ଼ିଯିବାର ସମ୍ଭାବନା ରହିଥାଏ।

### କିଛି ଟିପ୍ସ

-କଲେଜ ଯାଉଥିବା ଯୁବତୀମାନେ ଚାହିଁଲେ ଚେନ୍ ଡିଜାଇନ୍ ବ୍ରେସ୍‌ଲେଟ୍ ହେଉ ଅବା ଷ୍ଟୋନ ବ୍ରେସ୍‌ଲେଟ୍ କିମ୍ବା ବିଡ୍ସ ବ୍ରେସ୍‌ଲେଟ୍‌କୁ ହାତରେ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ।

-ପାର୍ଟି, ଫଙ୍କ୍‌ସନ୍‌କୁ ଯିବା ସମୟରେ ଆପଣ ଚାହିଁଲେ ଫ୍ଲାୱାର୍ ଡିଜାଇନ୍‌ର ସୁନା କିମ୍ବା ରୁପାର ବ୍ରେସ୍‌ଲେଟ୍ ପିନ୍ଧି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ଆଉ ଯଦି ଫଙ୍କ୍‌ସନ୍ ରାତିରେ ଥାଏ, ତା'ହେଲେ ଡାଇମଣ୍ଡ ଅବା ଜରକନ୍ ଷ୍ଟୋନ ଖଚିତ ବ୍ରେସ୍‌ଲେଟ୍ ହାତକୁ ବେଶ୍ ଭଲ ମାନିଥାଏ।

-ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଆପଣ ଚାହିଁଲେ ନିଜ ପୋଷାକକୁ ମ୍ୟାଚ୍ କରି ଗ୍ଲାଡିଏଟର୍ ଷ୍ଟାଇଲ୍ ବ୍ରେସ୍‌ଲେଟ୍ କିମ୍ବା ରଙ୍ଗିନ ଷ୍ଟୋନ ଖଚିତ ବ୍ରେସ୍‌ଲେଟ୍ ପିନ୍ଧି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।









# ସଙ୍ଗୀତରେ ସଂଗୀତା



ଓଡ଼ିଶାରେ ଏମିତି କୌଣସି ଘର ହୁଏତ ନ ଥିବ, ଯେଉଁଠି କି ଶ୍ରୀମଦ୍ ଭଗବଦ୍‌ଗୀତା ଶ୍ଳୋକର ସ୍ୱର ଶୁଭି ନ ଥିବ। ଏହି ସ୍ୱରକୁ ନେଇ ଦୀର୍ଘ ୫୦ରୁ ଅଧିକବର୍ଷ ଧରି ସେ ନିଜର ସାଧନା ଜାରି ରଖିଛନ୍ତି। ଏଥିରେ ତାଙ୍କର ଜୀବନ। ଓଡ଼ିଶା ସଙ୍ଗୀତ ଜଗତରେ ଜଣେ ସଫଳ କଣ୍ଠଶିଳ୍ପୀ ଭାବେ ତାଙ୍କର ରହିଛି ଯଥେଷ୍ଟ ସୁଖ୍ୟାତି। ଦେଶ ହେଉ କି ବିଦେଶ ସବୁଠି ଶୁଭେ ତାଙ୍କ ସଙ୍ଗୀତର ସ୍ୱର । ପ୍ରାୟ ୧୭ଟି ଭାରତୀୟ ଭାଷାରେ ସେ ଗୀତ ଗାଇବାର ପାରଦର୍ଶିତା ରଖିଛନ୍ତି। ଓଡ଼ିଶୀ ହେଉ କି ହିନ୍ଦୁସ୍ତାନୀ, ଗଜଲ ହେଉ କି ପଲ୍ଲୀ, ସବୁଠି ଶ୍ରୋତାଙ୍କ ମନ ଜିଣିପାରିଛନ୍ତି ସେ। ଏଥିପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ। ସେ ହେଲେ କଣ୍ଠଶିଳ୍ପୀ ଡ. ସଂଗୀତା ଗୋସ୍ୱାଇଁ। ପିତା ଉପେନ୍ଦ୍ର ମହାପାତ୍ର, ମା' ରମାଦେବୀ। ଗାଁ କଟକ ଜିଲାର ବାଙ୍କିରେ। କିନ୍ତୁ ପିଲାଦିନ କଟିଛି କଟକ କାଜି ବଜାରରେ । ସେ କୁହନ୍ତି, ଏକ ସଂସ୍କୃତିସମ୍ପନ୍ନ ପରିବାରରେ ମୋର ଜନ୍ମ । ଆମେ ମା' ବାପାଙ୍କ ୬ଝିଅ ଓ ୨ପୁଅ। କିନ୍ତୁ ମା' ବାପା ଉଭୟେ ସଙ୍ଗୀତରେ ରୁଚି ରଖିଥିଲେ। ଦୁହେଁ ଆମକୁ ପିଲାଟି ଦିନରୁ ଗୀତ ଗାଇବା ପାଇଁ ପ୍ରେରଣା ଦେଉଥିଲେ । ସଙ୍ଗୀତ ଶିକ୍ଷା ପାଇଁ କେବେ ଅବହେଳା କରି ନ ଥିଲେ । ଏଥିପାଇଁ ମୋ ସଙ୍ଗୀତ ଜୀବନର ମୂଳଦୁଆ ପକାଇଥିଲେ। ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ କମଲବରନ୍ ଚେଲ ସପ୍ତାହକୁ ୨ଥର ତାଳଚେରରୁ ଆମ ଘରକୁ ଆସନ୍ତି। ମାସକୁ ୨୦ଟଙ୍କା ନିଅନ୍ତି। ମୋ ବଡ଼ଭଉଣୀ ସୁଚିତ୍ରା, ସାନଭଉଣୀ ସୁମିତ୍ରା, ଭାଇ ଅଶ୍ୱିନୀ ଗୀତ ଶିଖୁଥିଲୁ କିନ୍ତୁ ବଡ଼ଭଉଣୀ ପଦ୍ମାଳୟା ଓ ଅନ୍ୟଭଉଣୀ ନାଚ ଶିଖୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ଆମ ଘରେ ଶ୍ରୀମଦ୍ ଭଗବଦ୍‌ଗୀତା ଗାଉଥିଲୁ। ପିଲାଦିନେ ମତେ କକେଇ ମାମି ଡାକୁଥିଲେ, ମାତ୍ର ସାନ ମାଈଁ ପେଚି ବୋଲି ଡାକିଲେ କାରଣ ପିଲାଦିନେ ମୋ ନାକ ଟିକେ ଚେପଟା ଥିଲା । ୧୯୬୬ ମସିହାର କଥା, ୫ବର୍ଷର ହୋଇଥାଏ। ବାପାଙ୍କ ସହିତ ଭଞ୍ଜଜୟନ୍ତୀ ଦେଖିବାକୁ କଟକ ପ୍ୟାରିମୋହନ ଏକାଡେମୀକୁ ଯାଇଥାଏ । କିନ୍ତୁ ମୁଁ ଏଠାରେ ଏକ ଗୀତଗାଇବା ପାଇଁ ଝୁଙ୍କ ଲଗାଇ ସେହି ମଞ୍ଚ ଉପରକୁ ଚଢ଼ି ଯାଇଥିଲି । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ଏବଂ ବାଗ୍ମୀ ରଜତ କର ମୋର ଆଗ୍ରହ ଦେଖି ମତେ ଗୀତଟିଏ ଗାଇବାକୁ ସୁଯୋଗ ଦେଇଥିଲେ। ଏମିତିରେ ଭଞ୍ଜଙ୍କର ଓଡ଼ିଶୀକୁ ଗାଇଥିଲି । ଏଥିରେ ସମସ୍ତେ ଖୁସୀ ହୋଇଯାଇଥିଲେ । ତା'ପରେ ମତେ ଏକ ରୌପ୍ୟ ପଦକ ପ୍ରଦାନ କରିଥିଲେ। ସେବେଠାରୁ ଆଉ ପଛକୁ ଚାହିଁନି। ସଙ୍ଗୀତ ମୋ ଜୀବନ ପାଲଟିଛି। ୧୯୭୨ମସିହାରେ କନକଲତା ସିନେମାରେ ଅଭିନୟ କରିଥିଲି ଏବଂ ଗୀତ ଗାଇଥିଲି। । ୧୯୭୯ମସିହାରେ ପ୍ରଥମକରି ଶ୍ରୀମଦ୍ ଭଗବଦ୍‌ଗୀତାର ୧୮ଟି ଅଧ୍ୟାୟକୁ ସଂସ୍କୃତରେ ମୋ ସହ ମୋ ଭଉଣୀ ସୁଚିତ୍ରା, ସୁମିତ୍ରା ଗାଇଥିଲେ । କଲିକତାର ଏକ କ୍ୟାସେଟ କମ୍ପାନୀ ଆମର କଣ୍ଠସ୍ୱରକୁ ରେକର୍ଡିଂ କରିଥିଲା। ଖୁବ୍ ଖୁସୀ ଲାଗିଥିଲା ; ଯାହା ମୋ ଜୀବନରେ ସବୁବେଳେ ସ୍ମରଣୀୟ ହୋଇରହିବ । ଏଥିରେ ଅଜସ୍ର ସମର୍ଥନ ମିଳିଥିଲା। ଏଥିସହ ସଂସ୍କୃତରେ ମଧ୍ୟ ଅନେକ ସ୍ତୋତ୍ର, ଓଡ଼ିଶୀ, ଚମ୍ପୂ, ଛାନ୍ଦ, ଭଜନ ଓ ପଲ୍ଲୀ ଗୀତ ଗାଇଛି। ସମୟକ୍ରମେ କଟକ ମହିଳା ଟ୍ରେନିଂ ସ୍କୁଲ, ରେଭେନ୍‌ସା ବାଳିକା ସ୍କୁଲ, ଶୈଳବାଳା ମହାବିଦ୍ୟାଳୟ, ରେଭେନ୍‌ସା କଲେଜରେ ପଢ଼ିଲି। ସ୍କୁଲ ବେଳେ ଏନ.ସି.ସି. ଏବଂ ସ୍କାଉଟ୍ ଗାଇଡ୍‌ର ବି ନେତୃତ୍ୱ ନେଇଛି। ଓଡ଼ିଆ ଓ ଇଂଲିଶ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରିବା ସହ ଇଂଲିଶରେ ପିଏଚ.ଡି. ହାସଲ କରିଛି। ୨୦୦୩ ମସିହାରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ଓଡ଼ିଶୀ ସଙ୍ଗୀତରେ ଭକ୍ତି ସଙ୍ଗୀତର ଧାରା ପାଇଁ ଡକ୍ଟରେଟ ଏବଂ ୨୦୦୬ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ କଥାସମ୍ରାଟ ଫକୀର ମୋହନଙ୍କ ସମାଜ ପ୍ରତି ତାଙ୍କ ଉପନ୍ୟାସରେ ତାଙ୍କ ଦୃଷ୍ଟିକୋଣ ପାଇଁ ଡକ୍ଟରେଟ ପାଇଛି। ଗୋଟିଏ ସ୍କୁଲରେ କିଛିଦିନ ଦିବ୍ୟାଙ୍ଗ ପିଲାଙ୍କୁ ପାଠପଢ଼ାଇଲି। ବିଭିନ୍ନ ସମୟରେ ସେବାଶ୍ରମକୁ ବୁଲିବାକୁ ଯାଏ ଏବଂ ସାମର୍ଥ୍ୟମତେ କିଛି ସାହାଯ୍ୟ କରିଥାଏ। କଟକ କ୍ରାଏଷ୍ଟ କଲେଜରେ ଇଂଲିଶ ଅଧ୍ୟାପିକା ଭାବେ ସକାଳେ ଅଧ୍ୟାପନା ସାରି ସଙ୍ଗୀତ ଶିକ୍ଷା ପାଇଁ ବାହାରି ଯାଏ ଓଡ଼ିଶୀ ଗବେଷଣା କେନ୍ଦ୍ର ଭୁବନେଶ୍ୱରକୁ। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପଣ୍ଡିତ ଭୁବନେଶ୍ୱର ମିଶ୍ର ଅଧ୍ୟାପକ ଥିଲେ। ହିନ୍ଦୁସ୍ତାନୀ ଅଲଙ୍କାର, ସଙ୍ଗୀତ ବିଶାରଦ, ସଙ୍ଗୀତ ଭାସ୍କର୍ଯ୍ୟ ଆଦି ପାଠ୍ୟକ୍ରମରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହେବା ସହ ସଙ୍ଗୀତରେ ଉଚ୍ଚତର ଗବେଷଣା କରି ଡକ୍ଟରେଟ ଡିଗ୍ରୀ ହାସଲ କରିପାରିଛି। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଉଚ୍ଚତର ଶିକ୍ଷା ହାସଲ କରିପାରିଛି। ସମୟକ୍ରମେ ୧୯୮୭ରୁ ୧୯୮୯ଯାଏ ଶିକ୍ଷାଲାଭ କଲି ଏବଂ ପରେ ଏହି ଗବେଷଣା କେନ୍ଦ୍ରରେ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଭାବେ ଯୋଗଦେଲି। କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କଠାରୁ ଗୀତ ଶିଖିଛି। ପଣ୍ଡିତ ହରିପ୍ରସାଦ ଚୌରାସିଆ, ପଣ୍ଡିତ ରଘୁନାଥ ପାଣିଗ୍ରାହୀ, ବୀଣାପାଣି ମିଶ୍ର, ଦୀପକ ବସୁ, ଶୁକଦେବ ପତି, ପ୍ରଫୁଲ୍ଲ କର, ଶ୍ୟାମସୁନ୍ଦର ଧୀର, ସଂଗୀତ ସୁଧାକର ବାଳକୃଷ୍ଣ ଦାଶ, ମାର୍କଣ୍ଡେୟ ମହାପାତ୍ର ଏବଂ ଅକ୍ଷୟ ମହାନ୍ତିଙ୍କ ଭଳି ଉଚ୍ଚମାନର ଶିଳ୍ପୀଙ୍କ ସଂସ୍ପର୍ଶରେ ଆସିପାରିଛି । ଆକାଶବାଣୀର ସର୍ବୋଚ୍ଚ ଗ୍ରେଡ଼ କଣ୍ଠଶିଳ୍ପୀ, ଆଇସିସିଆର ସ୍ୱୀକୃତୀପ୍ରାପ୍ତ କଳାକାର ମାନ୍ୟତା ମିଳିଛି। ଓଡ଼ିଆଭାଷାର ସୁରକ୍ଷା ନେଇ ନୀଳଚକ୍ର ତରଫରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ବିଚ୍ଛିନ୍ନାଞ୍ଚଳକୁ ଯାଇଛୁ। ଆମେରିକା, ରୁଷିଆ, ଇଂଲଣ୍ଡ, ବାଂଲାଦେଶ ଆଦି ଏକାଧିକ ଦେଶରେ ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଇପାରିଛି । ସନ୍ଥ ହରିଦାସ ସମ୍ମେଳନ, ଖଜୁରାଓ ମହୋତ୍ସବ, ଏଲୋରା ମହୋତ୍ସବ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସଙ୍ଗୀତ ସମ୍ମିଳନୀ ଆଦି ମଞ୍ଚରେ ଶାସ୍ତ୍ରୀୟ ଶୈଳୀରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରି ବହୁ ପ୍ରଶଂସିତ ହୋଇଛି। ଶିଶୁ ଚଳଚ୍ଚିତ୍ର ବରଗଦ, ବିପ୍ଳବ ରାୟଚୌଧୁରୀଙ୍କ ବାଘରେ କଣ୍ଠଦାନ କରିଛି। ଏଇ ଆମ ସଂସାର, ବୋହୂ ହେବ ଏମିତି, ଅଲିଭା ଦାଗ, ସକଳତୀର୍ଥ ତୋ ଚରଣେ ଆଦି ଚଳଚ୍ଚିତ୍ରରେ କଣ୍ଠଦାନ କରିଛି। ସକଳତୀର୍ଥ ତୋ ଚରଣେ–ବୋଲେ ହୁଁ..ଟି ଗୀତ ପାଇଁ ୧୯୯୭ରେ ଶ୍ରେଷ୍ଠ ପାର୍ଶ୍ୱଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଲୋକଙ୍କ ଭଲପାଇବା ହିଁ ମୋ ପାଇଁ ପ୍ରକୃତ ପୁରସ୍କାର। ୨୦୧୨ରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ ବିଭାଗର ମୁଖ୍ୟ ଅଧ୍ୟାପିକା ଭାବେ ଦାୟିତ୍ୱ ତୁଲାଇଛି। ୨୦୧୬ରେ ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶିକା କାର୍ଯ୍ୟ କରୁଛି। ମାତ୍ର ରିଟାୟର୍ଡ ପରେ ପୁଣି ୧ବର୍ଷ ପାଇଁ ମୁଖ୍ୟ ନିର୍ବାହୀ ଭାବେ କାର୍ଯ୍ୟ କରୁଛି। ଅନ୍ୟପକ୍ଷେ ସ୍ୱାମୀଙ୍କ ସହ ଖୁସୀରେ ଅଛି। ସମସ୍ତଙ୍କୁ କହିବି ସା ରେ ଗା ମାକୁ ଭଲପାଆନ୍ତୁ। କଳା ହେଉଛି ଭଗବାନଙ୍କ ଆଶୀର୍ବାଦ। କିନ୍ତୁ ପାଠ ଭଲହେବା ସହିତ ଶାଠ ମିଶିଲେ ଯଶ ହେବ। ମୁଁ ମରିବା ଯାଏ ଗୀତ ଗାଉଥିବି। ସଙ୍ଗୀତ ମୋ ପାଇଁ ଏକ ନିଶା, ନିଆରା ଜୀବନ । କୌଣସି ଲାଳସାରେ ଗୀତ ପଦେ ଗାଇନି। ଆଉ ସେଥିପାଇଁ ନିଜ ରୁଚି ସହ ମୁଁ ସାଲିସ କରିନାହିଁ। ନାଚିବା ପାଇଁ ହୁଏତ ନିର୍ଦ୍ଦିଷ୍ଟ ବୟସ ଥାଏ, ମାତ୍ର ଗୀତ ଗାଇବା ଜୀବନସାରା। ଗୀତର ଭାଷା ନାହିଁ, ସ୍ୱର ହିଁ ଆତ୍ମାକୁ ଛୁଏଁ। ମଣିଷକୁ ତା'ର ଅନ୍ତର୍ନିହିତ ବିକାଶରେ ସକ୍ରିୟ ସହଯୋଗ କରେ। ଜଣେ କଣ୍ଠଶିଳ୍ପୀ ଯେଉଁ ଗୀତଗାଏ ତାହାର ଅର୍ଥ ସେ ବୁଝିବା ଏକାନ୍ତ ଆବଶ୍ୟକ।

**–ବନବିହାରୀ ବେହେରା**











ରବିବାର! ଅର୍ଥାତ ଛୁଟିଦିନ! ଅପେକ୍ଷାର ମିଠା ଅନୁଭବକୁ ନେଇ ସେ ଆସେ। ଏଥରର ସୃଜନ ଖାସ୍ ତାକୁ ନେଇ...

# ହାପି ସନ୍‌ଡେ

**–ଓଁ ଅଭିଜ୍ଞାନ ସାହୁ**

ଆଜିକାଲି ହ୍ୱାଟ୍ସଆପରେ ‘ସୁଖୀ ରବିବାର’ର ଶୁଭକାମନା ସବୁ ଶୁଭସକାଳ ସହିତ ଆସିବା ଆରମ୍ଭ ହେଲାଣି। କେବଳ ଜଣେ ସଂସାରୀ ଜାଣିପାରିବ ଏହି ରବିବାରିଆ ଖୁସିଟା କେତେ ପ୍ରଭାବୀ। ସପ୍ତାହ ଯାକର କାମ ଏହି ଦିନକୁ ରହିଥାଏ। ଯେମିତି କି ପତ୍ନୀଙ୍କ ଫର୍ମାଇସ୍ ,‘‘ଆଜି ଅଫିସ ବନ୍ଦ, ଯାଉନ ଛତ୍ର ବଜାରରୁ ପରିବା ଆଣିବ। ଆମର ଏଠି କିଲେ ଆଳୁ ଦଶ ଟଙ୍କା ; ପୁପୁନୁମା’ କହୁଥିଲା ସେଠି କାଲେ ଦଶ ଟଙ୍କାରେ ଦଶ କିଲୋ ମିଳୁଛି।’’

– ଆଜି ଛୁଟି ଅଛି, ଗାଡ଼ିଟାକୁ ଟିକେ ଧୋଇ ଦଉନ। ଅସନା ଗାଡ଼ିରେ ବସିବାକୁ ତୁମକୁ କେମିତି ଭଲ ଲାଗେ କେଜାଣି !

–ବହୁତ ଦିନ ହେଲାଣି ସେ ଦୋଛାତି ଉପରଟା ସଫା ହୋଇନି। ସବୁ ଜିନିଷ ପତ୍ର ତଳକୁ ବାହାର କଲ, ସେଇଟାକୁ ଆଜି ସଫା କରିବା ଇତ୍ୟାଦି ଇତ୍ୟାଦି।

ଶଃ ! ସବୁଦିନ ତ ଆମେ ଅଫିସରେ ମୁରବି କିନ୍ତୁ ରବିବାର ଘରେ ମୂଲିଆଠୁ ବି ହୀନ। ସବୁଠୁ ବିରକ୍ତିକର ହେଲା ଯେତେବେଳ ସବୁ କାମ ସରିଲା ପରେ ଗୋଟେ କୋମଳ ଅନୁରୋଧଟିଏ ଆସେ ‘ଚାଲୁନ ଟିକେ ବଜାର ଯିବା।’ ଏ ବଜାର ଯିବାର ଅର୍ଥ ଯେ କେତେ ବ୍ୟାପକ ଭାବରେ ଭୟାନକ ତାହା କେବଳ ଜଣେ ଅନୁଭବୀ ହିଁ କହିପାରିବ। ମୁଁ ତ ଏବେ ବହୁ ପୂର୍ବରୁ ଚିନ୍ତା କରୁଛି କେଉଁ ବାଟ ଦେଇ ଗଲେ ଏ ଦୁଷ୍ଟ ‘କେବଳ ଆଜିପାଇଁ ସବୁ ଜିନିଷରେ ୭୦% ଛାଡ଼’ , ‘ଗୋଟିଏ କିଣିଲେ ଦି’ଟା ଫ୍ରି’ ଭଳି ପୋଷ୍ଟର ସବୁ ଆମ୍ଭ ପତ୍ନୀଙ୍କ ଆଖିରେ ପଡିବ ନାହିଁ। ଆଖିରେ ପଡ଼ିଲେ ଏମିତି ସବୁ ଅଭିମାନ ମିଶା ଅନୁରୋଧ ଆସେ ଯେ ମନା କଲେ ଏହି ମନକୁ ବାଧେ ନ କଲେ ମନ ଭାରି ହୋଇଯାଏ।

–‘‘ପିଲାମାନଙ୍କର ସବୁ ଡ୍ରେସ୍ ଛୋଟ ହୋଇଗଲାଣି, ଗୋଟେ ବି ଭଲ ନାହିଁ। ଚାଲୁନ ଅଫର ଲାଗିଥିବ, ଦେଖିବା।’’ ଆଉ ଯଦି ମନା କଲ ତେବେ ଉତ୍ତର ଆସିବ ‘‘ମୋ ପାଇଁ ମୁଁ କେବେ କହିଥିଲି ? ବାହାଘର ପରଠୁ ଯାହା ଦେଇଛନ୍ତି ସେଇ ବାପଘର। ସେସବୁ ଧୋଇ ଶୁଖେଇ ପିନ୍ଧୁଛି ମୁଁ । ପିଲାଙ୍କ ପାଇଁ ମୁହଁ ଖୋଲିବା କଥା। ମାଗି ଗୋଟେଇ ଆଣିଥିବା ପିଲାଙ୍କ ପାଇଁ ଲୋକେ କେତେ କ’ଣ କରୁଛନ୍ତି, ନିଜ ପିଲାଙ୍କ ପାଇଁ କରିବାକୁ ତୁମେ ଏମିତି କୁନ୍ଥଉଛ କାହିଁ ? ’’

ଅନେକ ଥର ଏହି ଅନୁରୂପ ଇମୋଶନାଲ ଅତ୍ୟାଚାରର କୌଣସି ପ୍ରଭାବ ନ ପଡିବାରୁ ଏବେ ଏକ ନୂତନ କୌଶଳ ମୋ’ ଶ୍ରୀମତୀ ବାହାର କରିଛନ୍ତି ଯଥା ‘‘ତୁମର ତ ସବୁ ଶାର୍ଟ ପ୍ୟାଣ୍ଟ ଟାଇଟ୍ ହେଲାଣି, ଆମ ପାଇଁ ନ ହେଲା ନାହିଁ ତୁମ ପାଇଁ ଦୁଇ ହଳ କିଣୁନ ।’’ ଯଦି ପାଟିରୁ ବାହାରିଗଲା, ‘ହଉ’, ତେବେ ତା’ ପର ବାକ୍ୟଟା ଥିବ, ‘‘ତୁମର ସବୁ ମରହଜିଆ ପସନ୍ଦ। ଏଥର ମୁଁ ଯିବି ତୁମ ସାଙ୍ଗରେ।’’ ଏହି ‘ମୁଁ ଯିବି ତୁମ ସାଙ୍ଗରେ’ ର ପାର୍ଶ୍ୱ ପ୍ରଭାବଟା ଯେ କେଡ଼େ ପ୍ରଭାବଶାଳୀ ତାହା ମୋତେ ଆହୁରି ଫେଣେଇବାକୁ ପଡିବ କି ?

*–ବନମାଳୀ ଭବନ, ଖାନ ନଗର , କଟକ*

*–୯୪୩୭୦୧୦୭୫୮*

# ପ୍ରେମବାର

**– ରାଜଲକ୍ଷ୍ମୀ ସାମଲ**

ଶନିବାର ରାତିର ଅପେକ୍ଷାରେ
ଛଅ ଦିନ ବିତେ
କିଛି ପ୍ରେମ କିଛି ଅଭିମାନରେ
ରବିବାର ରସେ।
ନା କାମର ଚିନ୍ତା ନା ପିଲାଙ୍କ ସ୍କୁଲର
କୋଳକୁ ଆଉଜି ପୁକ୍କୀ କହେ
ମାମା ରବିବାର ସବୁଦିନେ ଆସନ୍ତା ନି ?
ମୁଁ ବି ତା’ କଥାରେ ମନେମନେ ହସେ ।
ଗୋଟିଏ ଦିନ ଛୁଟିରେ କାମର
ତାଲିକା ଲମ୍ବେ ସିନା
ତୁମକୁ ଘରେ ଦେଖି ଆଖିରେ
ଆଖିରେ ଦୁଷ୍ଟାମି ଛୁଟେ
ଆସନ୍ତା ସପ୍ତାହର ଖାଲିପଣ ପାଇଁ
ରବିବାରଠୁ ଧାରଆଣେ ବଳକା ପ୍ରେମର ଲୋଭ
ଆଗତୁରା ସାଇତି ରଖେ,
ତୁମପାଖେ ବେଳଉଣ୍ଡି ଗେଞ୍ଜି ହୋଇବସେ
ସପ୍ତାହ ଭରି ତ ମୋ କାମ ସାରିବା ପରେ
ପଲଙ୍କରେ ତୁମ ଘୁଙ୍ଗୁଡ଼ି ସହ ରାତି ବିତେ ।

*–(କୋଟା)ରାଜସ୍ଥାନ*

*ମୋ–୮୨୯୫୫୬୮୮୦୨*

# ପ୍ରାଚୁର୍ଯ୍ୟ

**–ଲୋପାମୁଦ୍ରା ପରିଡ଼ା**

ତାଙ୍କ ସୁଦୃଶ୍ୟ କାରରୁ ତାଙ୍କ କୁନି ଝିଅଟି ପରୀ ଭଳିଆ ଓହ୍ଲାଇଲା କଣ୍ଢେଇ ଲାଗିଥିବା ବ୍ୟାଗ ଧରି, ଆଉ ମୋ ଝିଅ ସେ ରାଣୀହାଟ ଚୁଙ୍ଗିର ହରେକମାଲ ଫ୍ରକ୍ ପିନ୍ଧି ତା’ ପାଖ ଯାଏଁ ଦୌଡ଼ିଗଲା ମୋ ହାତ ତିଆରି ଗୁଡ଼ି ଧରି । ତାଙ୍କ ପ୍ରାଚୁର୍ଯ୍ୟ ମୋତେ ଖତେଇ ହେଲା । ମୁଁ ଦୁଃଖୀ ହୋଇ ମୁହଁ ପୋତିଲି । ସେ ମୁହଁ ଲୁଚେଇନେଲେ କାରର ଝର୍କା ବନ୍ଦ କରି।

ମୋ ଝିଅ ସାଙ୍ଗେ ଖେଳୁଥିଲା ସେ। ମୁଁ ଗେହ୍ଲେଇକି ପଚାରିଲି .... ସବୁ ସନ୍‌ଡେ ତୁମେ ମାନେ କୁଆଡେ ଯାଅ ? ମଲ୍ ନା ପାର୍ଟି ନା ମୁଭି ? ତୋ ଡ୍ରେସର ଫ୍ରିଲ ଏବଂ ଡିଜାଇନ ଖୁବ ସୁନ୍ଦର ହୋଇଛି ।

ସେ ସେମିତି ଖେଳୁ ଖେଳୁ କହିଲା, ‘ଥାଙ୍କୁ ଆଣ୍ଟି ।’

–ସନ୍‌ଡେ ? ଚର୍ଚ୍ଚ । ମୋର ଡାଇବେଟିସ୍ ହାଇ ରହେ ନା ମୋ କିଡ୍‌ନୀବିହ୍ନ କ’ଣ ଗୋଟେ ହାଫ୍ ହାଫ୍ ବର୍ନ ହେଇଯାଇଛି। ମୋ ମମି ଆଉ ପାପା ମତେ ଚର୍ଚ୍ଚ ନେଇ ପ୍ରାର୍ଥନା କରନ୍ତି । ଆଉ ଅଳ୍ପ ଦିନ ପରେ ମୁଁ ଗଡ୍‌ଙ୍କ ପାଖକୁ ଯିବି । ହି ଇଜ୍ ସୋ ଗୁଡ୍ । ଚର୍ଚ୍ଚରେ ଫାଦର ମୋତେ ଗେଲ କରି କୁହନ୍ତି , ଗଡ଼ ମୋ ସାଙ୍ଗରେ ଖୁବ୍ ଖେଳିବେ।

–ମୁଁ ଅଳ୍ପ ଖେଳି କି, ହେଭେନ ଟିକେ ଦେଖିକି ଆସିଯିବି କହିଲେ ମମି କାନ୍ଦି ପକାଏ। ବହୁ ସିମପଲ୍ କଥାରେ ବଡ଼ମାନେ ସତରେ ଷ୍ଟ୍ରେଞ୍ଜୀ ! ବୁଝି ହୁଏନି ନା ? ? ହା ହା ହା .....

ସେ ହସି ଚାଲିଥିଲା ଯେ ହସି ଚାଲିଥିଲା ତା’ ପେଟକୁ ଧରି ......ତା’ସହ ତାଳ ଦେଇ ମୋ ଝିଅ ।

ସେ ହସ ସହ ମୁଁ ମହମ ପରି ଜଳି ଜଳି ଗରମ ତରଳ ହୋଇ ସିଠା ଅଠା ପରି ଗଦେଇ ହେଇ ଯାଉଥିଲି ମାଟିରେ।

*–ବାଙ୍ଗାଲୋର*

*–୯୭୩୧୦୫୭୦୧୪*





# ପଲ୍ ପଲ୍ ତତେ ଚାହେଁ

ସତରେ ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଖସି ନ ଥାଏ। ଆଉ ଯଦି ଏପରି ପ୍ରେମ ସକସେସ ହୋଇଯାଏ ତେବେ ପ୍ରେମୀଯୁଗଳଙ୍କ ଖୁସି କହିଲେ ନ ସରେ। ଯେତେବେଳେ ପ୍ରେମର ଦୃଢ଼ ବନ୍ଧନରେ ଏହି ଯୋଡି ବାନ୍ଧି ହୋଇଯାଆନ୍ତି, ସେତେବେଳେ ପ୍ରେମିକା କଥା ପ୍ରେମିକର ଏବଂ ପ୍ରେମିକ କଥା ପ୍ରେମିକା ସବୁବେଳେ ମନେ ପଡିଥାଏ। ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଚଳଚ୍ଚିତ୍ରରେ ରୂପାୟିତ କରାଯାଇଛି। ଆଉ ସେପରି ଉଦ୍ୟମ କରି ସଫଳ ହୋଇଛନ୍ତି ଅଭିନେତା ଦୀପକ। ଅର୍ଥାତ୍, ସେ ପ୍ରଥମ ଥର ପାଇଁ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଛନ୍ତି। ହୋମ ବ୍ୟାନର ତନୁଜା ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପଲ୍ ପଲ୍ ତତେ ଚାହେଁ'। ଖୋଦ୍ ଦୀପକ ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ନବାଗତା ପ୍ରାଚୀ ଚୌଧୁରୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। 'ଏହି ସିନେମାର କାହାଣୀରେ ଭିନ୍ନତା ରହିଛି। ଏଥିରୁ ଦର୍ଶକ ପ୍ରେମର ଏକ ଡିଫରେଣ୍ଟ ଚାର୍ମ ପାଇବେ ବୋଲି କହନ୍ତି ଦୀପକ।' ତନୁଜା ସାହୁଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଦୀପକ-ପ୍ରାଚୀଙ୍କ ବ୍ୟତୀତ ଏହି ଫିଲ୍ମରେ ମାନସୀ ପାଲ୍ (କେଟି), ପ୍ରଦ୍ୟୁମ୍ନ ଲେଙ୍କା, ପିଣ୍ଟୁ ନନ୍ଦ, ସରୋଜ ଦାସ, ନନସେନ୍ସ ମଣି, ବିକାଶ, ମଧୁ, ମିନାକ୍ଷୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଦୀପକ-ପ୍ରାଚୀ

# ସତ ହେଲା ସ୍ୱପ୍ନ

ମଣିଷ ଅନେକ ସ୍ୱପ୍ନ ଦେଖିଥାଏ। ହେଲେ ସବୁ ସ୍ୱପ୍ନ ସତ ହୋଇ ନଥାଏ। ଯଦିଓ ଏହା ଏକ ଅବାସ୍ତବ ଦୁନିଆ, ତଥାପି ଭଲ ସ୍ୱପ୍ନଟିଏ ଦେଖିଲେ, 'ମୋ ସ୍ୱପ୍ନଟି ସତ ହେଉ' ବୋଲି ଅନେକ ଆଶା ବାନ୍ଧିଥାଆନ୍ତି। ଆଉ ସେଥିରୁ ଶତ୍ରୁଘ୍ନ ତନୟା ସୋନାକ୍ଷୀ ବା ବାଦ୍ ପଡନ୍ତେ କିପରି ? କଥା କ'ଣ କି ଏବେ ସେ ଖୁସିରେ ଉଚ୍ଛୁଳୁଛନ୍ତି। କାରଣ କ'ଣ ଜାଣନ୍ତି ? ଦୀର୍ଘ ବର୍ଷ ହେଲା ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଶେଷରେ ସତରେ ପରିଣତ ହୋଇଛି। ତାଙ୍କର ଇଚ୍ଛା ଥିଲା ବମ୍ବେର ବାନ୍ଦ୍ରା ଅଞ୍ଚଳରେ ଏକ ଆଲିଶାନ ବଂଲୋଟିଏ କିଣିବେ। ନିକଟରେ ତାହା ପୂରଣ ହୋଇଛି। ଏ ବିଷୟରେ ସେ ନିଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ବାନ୍ଦ୍ରାଠାରେ ସେ ଏକ ଫୋର୍-ବିଏଚକେ ଆପାର୍ଟମେଣ୍ଟ କିଣିଛନ୍ତି। ଏ ନେଇ ସୋନାକ୍ଷୀ କହନ୍ତି, 'ବାନ୍ଦ୍ରାରେ କିଛି ବର୍ଷ ପୂର୍ବେ ଏକ ଆପାର୍ଟମେଣ୍ଟ ମୋର ପସନ୍ଦ ହୋଇଥିଲା। ସେତେବେଳେ ଏହାର ନିର୍ମାଣ କାମ ଚାଲିଥିଲା। ସେହି ସମୟରେ ଏହାକୁ ମୁଁ ବୁକ୍ କରିନେଇଥିଲି। ତା'ପରେ ତାହାର ଇଣ୍ଟିରିୟର କାମ ରୁପିନ୍ ସୁଚେକ୍‌ଙ୍କୁ ଦେଇଥିଲି ଏବଂ ସେ ଏହି ଦାୟିତ୍ୱକୁ ବେଶ୍ ସୂଚାରୁ ରୂପେ ତୁଲାଇଛନ୍ତି। ଖୁବ୍ ଶୀଘ୍ର ମୁଁ ଶୁଭଦିନ ଦେଖି ଗୃହପ୍ରବେଶ କରିବି।'


ସୋନାକ୍ଷୀ

# ମିଳିଗଲା ଆକ୍ଟିଂ ଗୁରୁ


ଦିବ୍ୟା

ଦିବ୍ୟା ଦତ୍ତାଙ୍କୁ ଏବେ ଆକ୍ଟିଂ ଗୁରୁ ମିଳିଯାଇଛନ୍ତି। ସେ କିଏ ଜାଣନ୍ତି ? କଙ୍ଗନା ରାଣାଓ୍ୱତ। କେବଳ ସେତିକି ନୁହେଁ, ତାଙ୍କ ମୁହଁରେ ଏବେ କଙ୍ଗନାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଯେଉଁଠାକୁ ସେ ଯାଉଛନ୍ତି ତାଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ନିଜ ଆକ୍ଟିଂ କ୍ୟାରିୟରକୁ ନୂଆ ରୂପ ଦେବାକୁ କଙ୍ଗନାଙ୍କ ଟିପ୍ସ କୁଆଡେ ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଛି। ଏ ନେଇ ଦିବ୍ୟା କହନ୍ତି, 'କଙ୍ଗନାଙ୍କ ଆକ୍ଟିଂ ମୋତେ ବେଶ୍ ପ୍ରଭାବିତ କରିଛି। ଏବେ ତ ମୁଁ ତାଙ୍କ ସହ 'ଧାକଡ୍' ସିନେମାରେ ଅଭିନୟ କରୁଛି। ଏଥିରେ ମୋ ରୋଲ୍‌ଟି ହେଲା ରୋହିଣୀ। ଥରେ ଶୁଟିଂ ସେଟ୍ ଆକ୍ଟିଂ ବିଷୟରେ ସେ ମୋତେ କେତୋଟି ଟିପ୍ସ ଦେଇଥିଲେ, ଆଉ ତାହାକୁ ଅନୁସରଣ କରି ମୁଁ ମୋ କ୍ୟାରିୟରକୁ ନୂଆ ମୋଡ ଦେଇପାରିଛି। ସତ କଥା କହିବାକୁ ଗଲେ ସେ ମୋ ଆକ୍ଟିଂ ଗୁରୁ। ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' 'ଧାକଡ୍' ଚଳଚ୍ଚିତ୍ରରେ କଙ୍ଗନା, ଦିବ୍ୟାଙ୍କ ବ୍ୟତୀତ ଅର୍ଜୁନ ରାମପାଲ ମଧ୍ୟ ଅଭିନୟ କରୁଛନ୍ତି।

# ଆମୀରଙ୍କ ସିଗନାଲକୁ ଅପେକ୍ଷା

ଥରେ ମନେ ପକାନ୍ତୁ ନା ହିନ୍ଦୀ ସିନେମା 'ସର୍‌ଫରୋଶ୍'କୁ। ଆମୀର ଖାଁ-ସୋନାଲି ବେନ୍ଦ୍ରେ ଅଭିନୀତ ଏହି ଫିଲ୍ମଟି ହିଟ୍ ହୋଇଥିଲା। କେବଳ ସେତିକି ନୁହେଁ, ୧୯୯୯ରେ ଉକ୍ତ ଚିତ୍ରଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ମଧ୍ୟ ସକ୍ଷମ ହୋଇଥିଲା। ଏବେ ଏହାର ସିକୁଏଲ ନିର୍ମାଣ କରିବାକୁ ଅଣ୍ଟା ଭିଡିଛନ୍ତି ଜନ୍ ମ୍ୟାଥ୍ୟୁ ମ୍ୟାଥନ୍। ଏହି ଫିଲ୍ମରୁ ହିଁ ସେ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ 'ସର୍‌ଫରୋଶ୍-୨'ର ପ୍ରାରମ୍ଭିକ କାମରେ ସେ ବ୍ୟସ୍ତ ଅଛନ୍ତି। କେବଳ ସେତିକି ନୁହେଁ, ଏଥିରେ ମଧ୍ୟ ସେ ଆମୀର ଖାଁଙ୍କୁ ରିପିଟ୍ କରିବାକୁ ଯୋଜନା କରୁଛନ୍ତି। ହେଲେ ଡେଟ୍ ପ୍ରୋବ୍ଲେମ ପାଇଁ ଆମୀର ଅଫରଟିକୁ ଝୁଲାଇ ରଖିଛନ୍ତି। ଏହି ସିକୁଏଲ୍‌ର କାହାଣୀ ସିଆରପିଏଫ (ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ) ଉପରେ ଆଧାରିତ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ତେବେ ଏହି ଫିଲ୍ମରେ କିଏ କିଏ ଅଭିନୟ କରିବେ ତାହା ଫେବୃୟାରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜଣାପଡିଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



# ଅନୁତାପ କରୁଛନ୍ତି ସାରା

ନିଜ ଡିସିସନ୍‌କୁ ନେଇ ସାରା ଏବେ ଅନୁତାପ କରୁଛନ୍ତି। କଥା କ'ଣ କି ତାଙ୍କୁ ମିଳିଥିବା ଏକ ଅଫରକୁ ଭଲ ଭାବରେ ତର୍ଜମା କରିବା ପରିବର୍ତ୍ତେ 'ସେଥିରେ ଅଭିନୟ କରିବେ ନାହିଁ' ବୋଲି ମନା କରିଦେଇଥିଲେ। ଆଉ ତାହାର କାରଣ ଥିଲା କାହାଣୀ। ଏବେ ସେହି ନିଷ୍ପତ୍ତିକୁ ନେଇ ଅନୁତାପ କରୁଛନ୍ତି। ଏ ନେଇ ସାରା କହନ୍ତି, 'ସେତେବେଳେ ମୁଁ ଏହି ଅଫରକୁ ଭଲ ଭାବରେ ତର୍ଜମା କରିବା ପରିବର୍ତ୍ତେ ସାଙ୍ଗେ ସାଙ୍ଗେ ମନା କରିଦେଇଥିଲି। କାରଣ ତାହାର କାହାଣୀ ମୋତେ ପ୍ରଭାବିତ କରିପାରି ନ ଥିଲା। ହେଲେ ଏବେ ଭାବୁଛି ଯେ ସେହି ନିଷ୍ପତ୍ତି ମୋର ଭୁଲ ଥିଲା। ବର୍ତ୍ତମାନ ଶୁଣିବାକୁ ପାଉଛି ଯେ ସେହି କାହାଣୀରେ ପରିବର୍ତ୍ତନ କରାଯାଇଛି। ହେଲେ ପ୍ରଯୋଜକ ମୋତେ ପୁଣି ଥରେ ଅଫର ଦେବେ ତାହାର କିଛି ଗ୍ୟାରେଣ୍ଟି ନାହିଁ। ଏ ନେଇ ମୋ ପଟରୁ ଲବି କରିବାକୁ ମୁଁ ମଧ୍ୟ ଚାହେଁନା। ଯଦି ମୋ ଭାଗ୍ୟରେ ଥିବ ତେବେ ଅଫରଟି ପୁଣି ଥରେ ମୋତେ ମିଳିବ। ହେଲେ ଏଥର ଆଉ ତାହାକୁ ହାତଛଡା କରିବି ନାହିଁ।' ନିକଟରେ ମାଳଦୀପରୁ ମାଇଣ୍ଡ ଫ୍ରେସ୍ କରି ସେ ଫେରିଛନ୍ତି। ତା'ସହ ତାଙ୍କ ହାତରେ ୨-୩ଟି ଅଫର ରହିଛି।


ସାରା

# ଯଦି କରୀନା ହଁ ଭରିଥାଆନ୍ତେ...

ବଲିଉଡ୍‌ର ଆଗଧାଡିର ନାୟିକା ଭାବରେ ପରିଗଣିତ ହୁଅନ୍ତି କରୀନା। ପ୍ରଥମ ସିନେମା 'ରିଫ୍ୟୁଜି'ରୁ ତାଙ୍କ ଅଭିନୟ ଦକ୍ଷତା ସ୍ପଷ୍ଟ ଭାବରେ ବାରି ହୋଇପଡିଥିଲା। ପରବର୍ତ୍ତୀ ସମୟରେ ସେ ଅନେକ ସିନେମାରେ ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇ ଦର୍ଶକ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇଥିଲେ। ହେଲେ ଚଳଚ୍ଚିତ୍ର ଚୟନ ସମୟରେ ସେ ଏପରି କେତୋଟି ନିଷ୍ପତ୍ତି ନେଇଥିଲେ, ଯାହାକୁ ମନେ ପକାଇ ଏବେ ମଧ୍ୟ ଅନୁତାପ କରୁଛନ୍ତି। ହିନ୍ଦୀ ସିନେମାର ଅନ୍ୟତମ ବରିଷ୍ଠ ନିର୍ଦ୍ଦେଶକ ରାକେଶ ରୋଶନ ତାଙ୍କୁ ନିଜ ସିନେମା 'କହୋ ନା ପ୍ୟାର ହୈ'ରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଏଥିରେ ରାକେଶ ନିଜ ପୁଅ ହ୍ରିତିକଙ୍କୁ ବ୍ରେକ୍ ଦେଇଥିଲେ। ତେଣୁ କରୀନାଙ୍କ ପରି ନାମୀ ନାୟିକାଙ୍କୁ ସେ ତାଙ୍କ ଅପୋଜିଟ୍‌ରେ ସାଇନ୍ କରାଇବାକୁ ଚାହିଁଥିଲେ, ହେଲେ ସେତେବେଳେ କରୀନା ଏପରି ଅଫରକୁ ପ୍ରତ୍ୟାଖ୍ୟାନ କରିଥିଲେ। ତାଙ୍କ ସ୍ଥାନରେ ନବାଗତା ଅମୀଷା ପଟେଲଙ୍କୁ ସୁଯୋଗ ଦେଇଥିଲେ ରାକେଶ। ପରେ ଯାହା ଘଟିଥିଲା ତାହା କହିବା ବାହୁଲ୍ୟ। ଫିଲ୍ମଟି ସୁପରହିଟ୍ ହେବା ସହ ଗୋଟିଏ ବର୍ଷରେ ସର୍ବାଧିକ ୧୨ଟି ପୁରସ୍କାର ହାସଲ କରିଥିଲା। ନିଜ ଆକ୍ଟିଂ କ୍ୟାରିୟର ମଧ୍ୟରେ ସେ ଆଉ ଏକ ଭଲ ଅଫରକୁ ହାତଛଡା କରିଥିଲେ। ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ୍'ରେ ଐଶ୍ୱର୍ଯ୍ୟାଙ୍କ ଭୂମିକା ପାଇଁ ପ୍ରଥମେ କରୀନାଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଏହି ଫିଲ୍ମରେ ଅଭିନୟ କରିବାକୁ ସେ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।


କରୀନା

## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ବୋଉ ହାତରେ ଦେଇଥିଲି



କବି, କଥାକାର, ନାଟ୍ୟକାର, ନିର୍ଦ୍ଦେଶକ **ଦିଲ୍ଲୀପ ବଳବନ୍ତରାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧାଠାରୁ ଅନତି ଦୂର ଛଣିଆ ଗ୍ରାମରେ ମାତା ଆଦରମଣି ଓ ପିତା ହରମୋହନ ବଳବନ୍ତରାୟଙ୍କ କୋଳରେ ମୋ ଜନ୍ମ। ତିନି ଭାଇ ଭିତରେ ମୁଁ ବଡ଼। ବାପା ଯେହେତୁ ପାରାଦୀପ ବନ୍ଦରରେ କାମ କରୁଥିଲେ, ତେଣୁ ଆମ ପାଠପଢ଼ା ବି ସେହିଠାରେ ହୋଇଥିଲା। ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିବା ପରେ ପାରାଦୀପ କଲେଜରେ ଆଇ.ଏ. ଓ କେନ୍ଦ୍ରାପଡ଼ା କଲେଜରୁ ରାଜନୀତି ବିଜ୍ଞାନ ସମ୍ମାନ ରଖି ମୁଁ ବି.ଏ. ପାସ୍ କରିଥିଲି। ତା'ପରେ ମାଡ୍ରାସ୍ ଯାଇ ପର୍ସନାଲ୍ ମ୍ୟାନେଜମେଣ୍ଟ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ ଉପରେ ପି.ଜି. ଡିପ୍ଲୋମା କୋର୍ସ କଲି। ସେଠାରୁ ପାସ୍ କରିବା ପରେ ୧୯୮୬ ମସିହାରୁ ପାରାଦୀପସ୍ଥିତ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ ମ୍ୟାନେଜର ଭାବେ କାମ କରିବାକୁ ଲାଗିଲି; ଯେଉଁଠାରେ ମୋତେ ପ୍ରାୟ ପାଞ୍ଚ ହଜାର ଟଙ୍କା ଦରମା ମିଳୁଥିଲା। ସେ ସମୟରେ ଏହି ଟଙ୍କାର ମୂଲ୍ୟ ଢେର୍ ଅଧିକା ଥିଲା। ବାପା ଭଲ ପଦବୀରେ ଚାକିରି କରିଥିବାରୁ ଘରର କୌଣସି ଦାୟିତ୍ୱ ମୋ ଉପରେ ନ ଥିଲା। ତଥାପି କର୍ତ୍ତବ୍ୟ ଦୃଷ୍ଟିରୁ ପ୍ରଥମ ମାସର ଦରମାକୁ ନେଇ ବୋଉ ହାତରେ ଦେଇଥିଲି। ସେ ଖୁସିରେ ଅଳ୍ପ କିଛି ଟଙ୍କା ରଖି ବାକିତକ ମୋତେ ଫେରାଇ ଦେଇଥିଲା। ଆଉ ସେହି ଟଙ୍କାରେ ମୁଁ ମୋର ହାତଖର୍ଚ୍ଚ ତୁଲାଉଥିଲି। ତେବେ ଏହି କମ୍ପାନୀରେ ୧୯୯୩ ମସିହା ପର୍ଯ୍ୟନ୍ତ କାମ କରି ଭଲ ନାଁ କମାଇବା ସହ ଅର୍ଥ ରୋଜଗାର କରିଥିଲି ସତ, ହେଲେ ମୋ ମନକୁ କାହିଁକି ଶାନ୍ତି ମିଳୁ ନ ଥିଲା। କାରଣ ମୋ ଭିତରେ କଳାକୁ ନେଇ ଥିଲା ଖୁବ୍ ଦୁର୍ବଳତା। ସ୍କୁଲ ଓ କଲେଜରେ ପଢ଼ିଲାବେଳେ ଅନେକ ନାଟକରେ ଅଭିନୟ କରିଥିଲି। କ୍ରମେ ନାଟକ ଲେଖିବା ସହ ଅନେକ ଗୀତି କବିତା ମଧ୍ୟ ଲେଖି ଚାଲିଲି। ଆଉ ଗୋଟିଏ ଅଭିଳାଷ ମୋର ବାକି ରହିଯାଇଥିଲା ତାହା ହେଲା ଟିଭି ପାଇଁ କେମିତି କାମ କରିବା, ହେଲେ ସୁଯୋଗ ମିଳୁ ନ ଥିଲା। ଆଉ ଯେବେ ଏହି ସୁଯୋଗ ମିଳିଲା ତାକୁ ହାତଛଡ଼ା କରିବାକୁ ଚାହିଁଲି ନାହିଁ। ଏପିରି କି ଚାକିରି ଛାଡ଼ିଦେଇ ପୂରା ସମୟ ଏଥିରେ ଦେଲି; ଯାହାର ଫଳସ୍ୱରୂପ ୧୯୯୪ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରି ଅନେକ କିଛି ଶିଖିବାର ସୁଯୋଗ ମିଳିଥିଲା। ଆଉ ତା'ପରେ ଇଟିଭିରେ ସହ-ପ୍ରଯୋଜକ ଭାବେ ୨୦୦୧ରୁ ୨୦୧୫ ଯାଏ କାମ କରିଥିଲି। ସେଠାରୁ କାମ ଛାଡ଼ିବା ପରେ ଆଉ କେଉଁ ସଂସ୍ଥା ଅଧୀନରେ କାମ ନ କରି ସ୍ୱତନ୍ତ୍ର ଭାବେ ନିଜସ୍ୱ ଉଦ୍ୟମରେ ବଢ଼ିବାକୁ ଚେଷ୍ଟା କରିଥିଲି। ସେବେଠାରୁ ଏହି ଉଦ୍ୟମ ମୋର ସେମିତି ଜାରି ରହିଛି। ୟା'ଭିତରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନାଟକ ଲେଖିସାରିଲିଣି। ତନ୍ମଧ୍ୟରୁ ଅନେକ ନାଟକ ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇସାରିଲାଣି। ଏପରି କି ବାଲେଶ୍ୱର ନାଟ୍ୟ ଅନୁଷ୍ଠାନ ତରଫରୁ ହୋଇଥିବା ନାଟକ ପ୍ରତିଯୋଗିତାରେ ମୋର ଏକ ନାଟକ 'ନିସଙ୍ଗ ନଚିକେତା' ଶ୍ରେଷ୍ଠ ନାଟକ ଭାବେ ମନୋନୀତ ହେବା ସହ ମୋତେ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ବି କରାଯାଇ ସାରିଛି। ଏହାଛଡ଼ା ମୋ ଲିଖିତ କେତୋଟି ପ୍ରମୁଖ ନାଟକ ମଧ୍ୟରେ ରହିଛି: ସୁନା ଭଉଣୀ, ଏଇ ବୋଧେ ପ୍ରେମ, ନିଲଠା ନିର୍ଦ୍ଦେଶକ, ଖଳନାୟିକା, ଧନହାନି ପ୍ରାଣପୀଡ଼ା, ଆଉ ଜଣେ ବାପା, ଜଣେ ସାମ୍ବାଦିକ, ଆର ପାଖେ ଛାଇ ଇତ୍ୟାଦି ଅନ୍ୟତମ। କେବଳ ନାଟକ ନୁହେଁ, ୟା'ଭିତରେ ୪ଟି କାବ୍ୟ ପୁସ୍ତକ ଯଥା: 'ବୋଉ', 'ବାପା', 'ମରୁନୁ ମାଙ୍କଡ଼'ଓ 'ଅଣୁ କବିତା' ମଧ୍ୟ ମୋର ପ୍ରକାଶିତ ହୋଇସାରିଲାଣି। ତଥାପି ମୋ ନାଟକ ଓ କବିତା ଲେଖା ସେମିତି ଜାରି ରହିଛି। ତା'ସହିତ ନିଜସ୍ୱ ଉଦ୍ୟମରେ ଏଇ ଭିତରେ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର ଓ ୱେବ ସିରିଜ୍ ପାଇଁ କାହାଣୀ ଲେଖିବା ସହ ତା'ର ନିର୍ଦ୍ଦେଶନା ମଧ୍ୟ ଦେଇସାରିଲାଣି। ଆଉ ତାହା ୟୁ'ଟ୍ୟୁବ୍‌ରେ ପ୍ରସାରିତ ହୋଇ ଦର୍ଶକଙ୍କ ଦ୍ୱାରା ଆଦୃତ ବି ହୋଇସାରିଲାଣି। ତେବେ ଏଠି ଗୋଟେ କଥା କହି ରଖିବି, ଏହି ସବୁ କାମରୁ ହୁଏତ କେତେବେଳେ କେମିତି ମୋତେ ଅର୍ଥାଭାବର ସମ୍ମୁଖୀନ ହେବାକୁ ପଡିଥାଇ ପାରେ, ହେଲେ ଆତ୍ମଶାନ୍ତି ମୋତେ ଖୁବ୍ ମିଳିଛି।

*–ଅନ୍ୱିତା*




# ଭସା ବାଦଲକୁ ଭରସା ନାହିଁ, ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ

**ପ୍ରଶ୍ନ–** ସାଙ୍ଗମାନେ କହୁଛନ୍ତି, ଚୋରା ପୀରତି କଲେ ତାହାର ମଜା ଅଲଗା। ହେଲେ ଏହା କେତେଦୂର ଠିକ୍ ଜାଣିପାରୁନାହିଁ।

*– ପ୍ରଦୀପ ସାହୁ, ବ୍ରହ୍ମପୁର*

**ଉତ୍ତର:** ଚୋରା ପୀରତି ମାଗି ଆଣିବା ତରକାରି ପରି। ସେଥିରେ କ୍ଷଣିକ ମଜା ଥାଏ। ଏ ପ୍ରେମରେ କିଛି ଗ୍ୟାରେଣ୍ଟି ନାହିଁ। କାରଣ– 'ଭସା ବାଦଲକୁ ଭରସା ନାହିଁ କି ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ।' ତେଣୁ ଏଭଳି ମନୋଭାବ ପରିହାର କଲେ କ୍ଷତି କ'ଣ? ସଚ୍ଚା ହୃଦୟରେ ପ୍ରେମ କରନ୍ତୁ। ମନରେ ମନ ଠିକ୍ ଭାବରେ ମିଶିଲେ ପ୍ରେମର ଅସଲ ମଜା ମିଳିଥାଏ। ହେଲେ ଚୋରା ପୀରତିରେ ବୁଡ଼ି ରହିଲେ କେତେବେଳେ ଏହି ନିଶା ଖସିପଡ଼ିବ ତାହା ନିଜେ ବି ଆକଳନ କରିପାରିବେ ନାହିଁ।

**ପ୍ରଶ୍ନ–**ମୋତେ ଯେଉଁ ଝିଅ ମନପ୍ରାଣ ଦେଇ ଭଲ ପାଉଥିଲା, ସେ ମୋ ଆଡ଼କୁ ଚାହୁଁନାହିଁ। କ'ଣ କରିବି?

*– ତନ୍ମୟ ରାଉତ, ସୋନପୁର*

**ଉତ୍ତର:** ଏହି ପ୍ରେମରେ କେଉଁଠି ନା କେଉଁଠି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି କରିଛି। ତେଣୁ ଆପଣଙ୍କ ପ୍ରେମିକା କାହିଁକି ହଠାତ୍ ରଙ୍ଗ ବଦଳାଇ ଦେଲା, ତାହାର ତର୍ଜମା କରନ୍ତୁ। ଯଦି ପରିସ୍ଥିତିର ସମାଧାନ ହୋଇଗଲା ତ ଭଲ, ନ ହେଲେ ସେଭଳି ପ୍ରେମରେ ପୂର୍ଣ୍ଣଚ୍ଛେଦ ଟାଣିଦେଲେ ହିଁ ଆପଣ ଟିକେ ଶାନ୍ତିରେ ନିଃଶ୍ୱାସ ମାରିପାରିବେ।

**ପ୍ରଶ୍ନ–**ମୋ ପ୍ରେମିକା ମୋତେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖୁଛି। ସେ ଏମିତି କାହିଁକି କରୁଛି ? – ସନ୍ତୋଷ ଦାସ, ଅନୁଗୋଳ

**ଉତ୍ତର:** ପ୍ରେମରେ ଯଦି ଥରେ ସନ୍ଦେହର ଭାଇରସ୍ ପଶିଗଲା, ତେବେ ସେହି ପ୍ରେମ ସ୍ୱାଦହୀନ, ରଙ୍ଗହୀନ ହୋଇଯାଏ। ତାକୁ ନେଇ ଯେତେ ସ୍ୱପ୍ନ ଦେଖିଲେ ମଧ୍ୟ ତାହା ମରୀଚିକା ପରି। ତେଣୁ ସେପରି ପ୍ରେମ ଆଉ ପ୍ରେମିକା ପଛରେ ଗୋଡ଼ାଇବା ବୃଥା। ଯଦି ପ୍ରେମିକାର ଏପରି ମତିଗତି ସମ୍ପୂର୍ଣ୍ଣ ଭାବରେ ବଦଳିଗଲା, ତେବେ ତ ଭଲ। ନ ହେଲେ ଯେତେଶୀଘ୍ର ଏଭଳି ପ୍ରେମିକାଠାରୁ ନିଜକୁ ଦୂରେଇ ନିଅନ୍ତୁ।

**ପ୍ରଶ୍ନ–**ମୋତେ ଦୁଇ ତିନି ଜଣ ଝିଅ ଏକାଥରେ ପ୍ରେମ କରୁଛନ୍ତି। ମୁଁ କାହା ମନରେ କଷ୍ଟ ଦେବାକୁ ଚାହେଁନା। ଏପରି ପ୍ରେମକୁ ନେଇ ଆଗେଇଲେ ଭବିଷ୍ୟତରେ କିଛି ଅସୁବିଧା ହେବନି ତ ?

*– ଭାଗବତ ରାଉତ, ପୁରୀ*

ଉତ୍ତର: ସେପରି ପ୍ରେମକୁ ନେଇ ଏବେଠାରୁ ଆପଣଙ୍କ ମନରେ ପ୍ରଶ୍ନର ଗୁଚ୍ଛ ଉଙ୍କି ମାରିଲାଣି। ଏକାଥରେ ଦୁଇ ତିନି ଜଣଙ୍କୁ ପ୍ରେମ କରିବା ଅର୍ଥ ଏହି ପ୍ରେମରେ ଆଗ୍ରହ ବେଶୀ ବିଶ୍ୱାସ କମ୍ ରହିଛି। 'ମନ ଏକ, ପ୍ରେମିକା ଏକ'– ଏହି ନୀତି ଆପଣେଇ କେବଳ ଗୋଟିଏ ଝିଅ ସହ ମନକୁ ଏମିତି ଯୋଡ଼ନ୍ତୁ, ଯେମିତି ଆପଣଙ୍କ ପ୍ରେମ ଭବିଷ୍ୟତରେ ସଫଳ ହେବ। ତେଣୁ ଯଦି ଏକାଥରେ ଏକାଧିକ ପ୍ରେମିକା ସହ ପ୍ରେମରେ ମସ୍‌ଗୁଲ ରହିବେ, କେବଳ କ୍ଷଣିକ ଆନନ୍ଦ ମିଳିବ ସିନା ହେଲେ ତାହାର ଫ୍ୟୁଚର ଉପରେ ସବୁବେଳେ ପ୍ରଶ୍ନବାଚୀ ଲାଗିବ।

**ପ୍ରଶ୍ନ–** ପ୍ରେମ କରିବାକୁ ମନ କୁତୁକୁତୁ ହେଉଛି, ହେଲେ ମନରୁ ଭୟ ଦୂର ହେଉନି। କ'ଣ କରିବି?

*– ରମେଶ କୁମାର, ବରଗଡ଼*

ଉତ୍ତର: ପ୍ରେମ କରିବା ପୂର୍ବରୁ ଯଦି ମନରେ ଭୟ ରହିଲା, ତେବେ ମନର ଦମ୍ଭ ଆପେ ଆପେ ଭାଙ୍ଗି ଯାଇଥାଏ। ତେଣୁ ପ୍ରଥମେ ମନରୁ ଭୟ ଦୂର କରନ୍ତୁ। ତା'ପରେ ପ୍ରେମ କରିବାକୁ ସଜବାଜ ହୁଅନ୍ତୁ। ନ ହେଲେ ପ୍ରେମ କରିବାକୁ ଆଗେଇଲେ ଗୋଡ଼ ଆଗକୁ ପଡ଼ିବ କ'ଣ, ସବୁବେଳେ ନିଜ ଛାଇ ଦେଖିଲେ ଡର ଲାଗିବ।

# ଲାଇବ୍ରେରି ଏମିତି ବି



**ଲାଇବ୍ରେରି ବା ପାଠାଗାର, ବହି ପ୍ରିୟ ଲୋକଙ୍କ ପାଇଁ ସ୍ୱର୍ଗ। ଏହାର ଶାନ୍ତ ପରିବେଶରେ ବହି ପଢ଼ିବାର ଅନୁଭୂତି କିଛି ଭିନ୍ନ। ତେବେ ପୃଥିବୀରେ ଏମିତି ବି କିଛି ଲାଇବ୍ରେରି ଅଛି; ଯାହା ଏତେ ଭିନ୍ନ ଓ ସ୍ୱତନ୍ତ୍ର ଯେ, ସେହି ଲାଇବ୍ରେରିରୁ ବହି ଆଣି ପଢ଼ିବାକୁ ଯେ କେହି ଇଚ୍ଛା କରିବେ। ସେମିତି କିଛି ଲାଇବ୍ରେରି ସମ୍ପର୍କରେ...**

**ଭେଣ୍ଡିଂ ମେଶିନ୍ ଲାଇବ୍ରେରି–** ଭେଣ୍ଡିଂ ମେଶିନ୍‌ରେ ଟଙ୍କା ପୂରାଇଲେ କିଛି ଆବଶ୍ୟକୀୟ ଜିନିଷ ବାହାରିଥାଏ। ଯେମିତି କି ଖିର, କୋଲ୍ଡ ଡ୍ରିଙ୍କ୍ ଆଦି। ତେବେ ଜାଣନ୍ତି କି କାଲିଫର୍ନିଆରେ ଏକ ଲାଇବ୍ରେରିକୁ ଭେଣ୍ଡିଂ ମେଶିନ୍ ଭଳି ତିଆରି କରାଯାଇଛି। ଏହା ୨୪ ଘଣ୍ଟା ଖୋଲା ରହେ। ଏଥିରେ ବହି ଚୟନ କରି ପଇସା ପକାଇଲେ ବାଛିଥିବା ବହି ବାହାରି ଆସିଥାଏ। ଏହି ଲାଇବ୍ରେରିଠାରୁ ଅନୁପ୍ରାଣିତ ହୋଇ ଚାଇନାର ରାଜଧାନୀ ବେଜିଂରେ ମଧ୍ୟ ଭେଣ୍ଡିଂ ମେଶିନ୍ ଲାଇବ୍ରେରି ସ୍ଥାପିତ ହୋଇଛି।

**ଓଟ ଉପରେ ଲାଇବ୍ରେରି–** କେନିଆରେ ଏକ ଭ୍ରାମ୍ୟମାଣ ପାଠାଗାର ବେଶ୍ ଲୋକପ୍ରିୟ ; ଯାହା ଅଛି ଏକ ଓଟ ଉପରେ। ୧୯୮୦ ଦଶକରୁ ଆରମ୍ଭ ଏହି ପାଠାଗାର। ଏଥିରେ ଦୁଇଟି ବଡ ବାକ୍ସରେ ବହି ରଖି ଓଟ ପିଠିରେ ଲଦି ଲୋକଙ୍କ ନିକଟକୁ ପାଠାଗାରର ସୁବିଧା ପହଞ୍ଚାଯାଏ।

**ଜାହାଜରେ ଲାଇବ୍ରେରି–** ଏହି ଲାଇବ୍ରେରି ନରୱେର ହୋର୍ଦାଲାଣ୍ଡ ରାଜ୍ୟରେ ଏକ ଜାହାଜ ଉପରେ ତିଆରି। ପ୍ରତିବର୍ଷ ସେପ୍ଟେମ୍ବରଠାରୁ ଏପ୍ରିଲ ମାସ ଭିତରେ ଜାହାଜରେ ୬୦୦୦ ପୁସ୍ତକ ରଖି ଆଖପାଖର ଦ୍ୱୀପରେ ରହୁଥିବା ପ୍ରାୟ ୨୫୦ ସମୁଦାୟର ଲୋକଙ୍କ ନିକଟକୁ ବହି ପହଞ୍ଚାଯାଇଥାଏ। ଏହି ଜାହାଜରେ କେବଳ କ୍ୟାପ୍ଟେନ, ୨ ଲାଇବ୍ରେରିୟାନ ସହ ଆଉ ୨ ଜଣ ଲୋକ ନିଯୁକ୍ତ ହୋଇଥାଆନ୍ତି। ଏହିଭଳି ଜାହାଜରେ ପୁସ୍ତକକୁ ନେଇଯିବା କାମ ୧୯୫୯ମସିହାରୁ ଆରମ୍ଭ ହୋଇଥିଲା। ଏହି ସର୍ଭିସ୍‌ର ସୁବିଧା ୩ ଦେଶର ଲୋକ ଉଠାଇଥାଆନ୍ତି।





**ମେଲ୍‌ବକ୍ସ ଲାଇବ୍ରେରି–** ଏହିଭଳି ପାଠାଗାର ଇଂଲଣ୍ଡ ଓ ୟୁରୋପରେ ଅଧିକ ଦେଖିବାକୁ ମିଳେ। ସାର୍ବଜନୀନ ସ୍ଥାନ ଯେମିତି କି ପାର୍କ, ଗଳିରେ ଏହା ଥାଏ। ଚିଠି ରଖିବା ବାକ୍ସ ବା ମେଲ୍ ବାକ୍ସରେ ତିଆରି ହୋଇଥାଏ ଏହି ଛୋଟିଆ ଲାଇବ୍ରେରି। ଏଠାକାର ଲୋକ ବେଶ୍ ସଚ୍ଚୋଟ ହୋଇଥିବାରୁ ଏଠାରୁ କେହି ବହି ଚୋରାଇ ନ ଥାଆନ୍ତି। ବହି ପଢି ପୁଣି ସାଇତି ରଖି ଦିଅନ୍ତି। ୨୦୦୯ରୁ ଏହି ଭଳି ପାଠାଗାର ଆରମ୍ଭ ହୋଇଥିଲା। ଏବେ ୬୦୦୦ରୁ ଊର୍ଦ୍ଧ୍ୱ ମେଲ୍ ବକ୍ସ ଲାଇବ୍ରେରି ସାରା ପୃଥିବୀରେ ଅଛି।




**ଟ୍ୟାଙ୍କ ଆକାରର ଲାଇବ୍ରେରି–** ଆର୍ଜେଣ୍ଟିନାର ଏହି ଲାଇବ୍ରେରି ଦେଖିବାକୁ ଟ୍ୟାଙ୍କ ପରି। ଏଥିରେ ଅତିକମ୍‌ରେ ୨୫୦୦ ବହି ରହିପାରେ। ଏହି ଲାଇବ୍ରେରି ହିଂସାକୁ ପ୍ରତ୍ୟାହାର କରି ଶିକ୍ଷାକୁ ଆପଣେଇବାର ବାର୍ତ୍ତା ଦିଏ। ରୌଲ ଲେମ୍ବଅଫ୍ ଏହି ଲାଇବ୍ରେରିକୁ ତିଆରି କରିଛନ୍ତି। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ବସ୍ତି ଅଞ୍ଚଳର ଗରିବ ଲୋକଙ୍କୁ ବହି ପଢିବାର ସୁଯୋଗ ଦେବା।



**ବସ୍ ଷ୍ଟପ୍ ଲାଇବ୍ରେରି–** ବସ୍‌କୁ ଅପେକ୍ଷା କରିବା ବେଳେ ଭାରି ବୋର୍ ଲାଗେ। ଜେରୁଜେଲମ୍‌ର ବସ୍ ଷ୍ଟପ୍‌ରେ କିନ୍ତୁ କେହି ବୋର୍ ହେବେନି। କାରଣ ଏହି ବସ୍‌ଷ୍ଟପ୍‌ଗୁଡିକ ଗୋଟେ ଗୋଟେ ଛୋଟିଆ ପାଠାଗାର। ଏଠି ଲୋକେ ବସ୍‌କୁ ଅପେକ୍ଷା କରିବା ସମୟରେ ମନପସନ୍ଦର ବହି ବାଛି ପଢିପାରିବେ। ଯଦି ପଢା ନ ସରେ, ତେବେ ବହିଟିକୁ ସାଥିରେ ନେଇ ବସ୍ ଭିତରେ ପଢି ଆଗ ବସ୍ ଷ୍ଟପ୍‌ର ଲାଇବ୍ରେରିରେ ରଖିପାରିବେ।

**ଆଇସ୍‌କ୍ରିମ୍ ଟ୍ରକ ଲାଇବ୍ରେରି–** ୟୁରୋପୀୟ ଦେଶରେ ଆଇସ୍‌କ୍ରିମ୍ ଟ୍ରକ ଆସିବା ମାତ୍ରେ ଛୋଟ ପିଲାଠାରୁ ବଡ ପର୍ଯ୍ୟନ୍ତ ଟାଣି ହୋଇ ଚାଲି ଆସନ୍ତି। ତେବେ ଇଟାଲିର ବାସିଲିକାଟାରେ ଏକ ଆଇସ୍‌କ୍ରିମ ଟ୍ରକ୍ ପାଲଟିଛି ଲାଇବ୍ରେରି। ଏହା ବାସିଲିକାଟା ସହରରୁ ଅପହଞ୍ଚ ସ୍ଥାନର ଲୋକଙ୍କ ପର୍ଯ୍ୟନ୍ତ ପୁସ୍ତକ ପହଞ୍ଚାଇଥାଏ।







ଅସୀମା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ଚିକେନ୍ ରୁଟି

ପପୁ ରୁଟିର ଗୋଟିଏ ଟୁକୁଡ଼ା ନିଜେ ଖାଇ ଆଉ ଗୋଟେ ଟୁକୁଡ଼ା ପାଖରେ ଥିବା କୁକୁଡ଼ାକୁ ଦେଉଥାଏ। ଏହା ଦେଖି ମା' ପପୁକୁ– ଇଏ କ'ଣ କରୁଛୁ?

ପପୁ– ଚିକେନ୍ ସହ ରୁଟି ଖାଉଛି।

## ପସନ୍ଦ

ପୁଅଘର– ଆମକୁ ଝିଅ ପସନ୍ଦ। ବାହାଘର ତା'ହେଲେ କେବେ କରିବା?

ଝିଅଘର– ଟିକେ ଅପେକ୍ଷା କରନ୍ତୁ। ଆମ ଝିଅ ତ ଏବେ ପଢୁଛି।

ପୁଅଘର– ଚିନ୍ତା କରନ୍ତୁନି। ଆମ ପୁଅ କୋଉ ଛୋଟ ପିଲା ଯେ, ତା' ବହି ଚିରି ଦେବ।

## ପାଗଳ

ଡାକ୍ତର ପାଗଳକୁ– ତମେ ଛାତରେ ଏମିତି କାହିଁକି ଝୁଲି ରହିଛ?

ପାଗଳ– ଜାଣି ପାରୁନ। ମୁଁ ହେଉଛି ଲାଇଟ୍ ବଲ୍ବ।

ଡାକ୍ତର– ଓଃ.. ତା'ହେଲେ ଜଳୁନ କାହିଁକି?

ପାଗଳ–ଏବେ ଲାଇନ୍ ନାହିଁ ପରା।

# ବାଲାସିନୋରର ଡାଇନୋସର ପାର୍କ



ଗୁଜରାଟ ନିଜ ସଂସ୍କୃତି, ପରମ୍ପରା, ଖାଦ୍ୟପେୟ ତଥା ଆତିଥେୟତା ପାଇଁ ଦେଶ ବିଦେଶରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଖାସ୍ ଏହି କାରଣ ସକାଶେ ପ୍ରତିବର୍ଷ ଏଠାକୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ବୁଲିବା ପାଇଁ ଆସିଥା'ନ୍ତି। ତେବେ ଗୁଜରାଟର ମହିସାଗର ଜିଲା ଅନ୍ତର୍ଗତ ବାଲାସିନୋର ହେଉଛି ଏପରି ଏକ ସହର, ଯେଉଁଠାକୁ ଗଲେ ଭ୍ରମଣର ଭରପୂର ମଜା ନେବା ସହ ପର୍ଯ୍ୟଟକ ବହୁ ତଥ୍ୟ ଜାଣିପାରିବେ। କାରଣ ଏଠାରେ ରହିଛି ଏକ ଡାଇନୋସର ଫସିଲ୍ (ଜୀବାଶ୍ମ) ପାର୍କ ଓ ମ୍ୟୁଜିୟମ୍। ସୂଚନାନୁଯାୟୀ, ଏହା ହେଉଛି ବିଶ୍ୱର ତୃତୀୟ ତଥା ଭାରତର ପ୍ରଥମ ଡାଇନୋସର ଫସିଲ୍ ପାର୍କ ଓ ମ୍ୟୁଜିୟମ୍।

## ପାର୍କର ଇତିହାସ

ଇତିହାସରୁ ଯାହା ଜଣାଯାଏ, ୧୯୮୦-୮୧ ମସିହାରେ ବାଲାସିନୋରଠାରେ ଆକସ୍ମିକ ଭାବେ ଡାଇନୋସରର କିଛି ଅସ୍ଥି ଏବଂ ଜୀବାଶ୍ମ ମିଳିଥିଲା। ବାସ୍ ତା'ପରଠାରୁ ଏଠାରେ ବିଭିନ୍ନ ପ୍ରକାରର ପରୀକ୍ଷାନିରୀକ୍ଷା ପାଇଁ ବହୁ ଭୂତତ୍ତ୍ୱବିତ୍‌ଙ୍କ ଭିଡ଼ ଲାଗିବା ସହ ଅନେକ ଥର ଉକ୍ତ ସ୍ଥାନକୁ ଖୋଳା ମଧ୍ୟ ଯାଇଥିଲା। ଆଉ ସେହିଥିରୁ ଜଣାଗଲା ଯେ, ଅନେକ ବର୍ଷ ପୂର୍ବେ ଏଠାରେ କୁଆଡ଼େ ପ୍ରାୟ ୧୩ରୁ ଊର୍ଦ୍ଧ୍ୱ ପ୍ରଜାତିର ଡାଇନୋସର ସେମାନଙ୍କ ବଂଶ ବିସ୍ତାର କରି ରହୁଥିଲେ। ଆଉ ଯେତେବେଳେ ସେମାନେ ପରିବର୍ତ୍ତିତ ଜଳବାୟୁ ସହ ନିଜକୁ ଖାପ ଖୁଆଇ ଚଳିପାରିଲେ ନାହିଁ, ସେତେବେଳେ ସେମାନଙ୍କ ବଂଶ ଲୋପ ପାଇବାକୁ ଲାଗିଲା। କେବଳ ରହିଗଲା ଯାହା ସେମାନଙ୍କର ଅସ୍ଥିକଙ୍କାଳ ଆଉ ଜୀବାଶ୍ମ। ପରବର୍ତ୍ତୀ ସମୟରେ ଯେବେ ଜୀବାଶ୍ମ ସମ୍ପର୍କରେ ଚର୍ଚ୍ଚା ହେବାକୁ ଲାଗିଲା, ସେବେ ଏଠାରେ ଡାଇନୋସରର ଏକ ପାର୍କ ନିର୍ମାଣ କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା; ଯାହାର ଫଳସ୍ୱରୂପ ପରେ ଆଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରାୟ ୫୨ ହେକ୍ଟର ଜମି ଉପରେ ଏହି ଲୋକପ୍ରିୟ ପାର୍କଟି ଗଢ଼ି ଉଠିଲା।

## କ'ଣ ରହିଛି ଏହି ପାର୍କରେ

ଏହି ପାର୍କରେ ପର୍ଯ୍ୟଟକ ବିଭିନ୍ନ ପ୍ରଜାତିର ଡାଇନୋସରମାନଙ୍କ ଅସ୍ଥି କଙ୍କାଳ ଓ ଜୀବାଶ୍ମ ଦେଖିବାକୁ ପାଇପାରିବେ। ତା' ସହିତ ଉକ୍ତ ପାର୍କ ନିକଟରେ ଅବସ୍ଥିତ ମ୍ୟୁଜିୟମ୍‌ରୁ ବି ଡାଇନୋସରମାନଙ୍କ ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିପାରିବେ। କେବଳ ସେତିକି ନୁହେଁ, ଏହି ମ୍ୟୁଜିୟମ୍‌ରେ ବିଭିନ୍ନ ପ୍ରଜାତିର ଡାଇନୋସରଙ୍କର ପ୍ରାୟ ୪୦ଟି ପ୍ରତିକୃତିକୁ ମଧ୍ୟ ସ୍ଥାନ ଦିଆଯାଇଛି, ଯାହାକୁ ଦେଖି ପର୍ଯ୍ୟଟକମାନେ ଜାଣିପାରିବେ ଯେ କେଉଁ ଡାଇନୋସରର ଆକାର କିପରି, ଉଚ୍ଚତା କେତେ, ବେକର ଲମ୍ୱା କେତେ ଓ ସେମାନଙ୍କର ଖାଦ୍ୟାଭ୍ୟାସ କ'ଣ। କାରଣ ଏହି ପ୍ରତିକୃତିଗୁଡ଼ିକୁ ଡାଇନୋସରଙ୍କ ସମ୍ପର୍କରେ ବହୁ ଅଧ୍ୟୟନ ଓ ପରୀକ୍ଷାନିରୀକ୍ଷା କରିବା ପରେ ହିଁ ସେମାନଙ୍କୁ ଅବିକଳ ରୂପ ଦେବା ପାଇଁ ପ୍ରୟାସ କରି ଗଢ଼ାଯାଇଛି। ତା'ଛଡ଼ା ସବୁଠାରୁ ମୁଖ୍ୟକଥା ହେଉଛି, ପର୍ଯ୍ୟଟକଙ୍କୁ ବୁଲିବାରେ ତଥା ସେମାନଙ୍କୁ ତଥ୍ୟ ବୁଝାଇବା ପାଇଁ ବି ଏଠାରେ ଅନେକ ଗାଇଡ୍ ଅଛନ୍ତି।

## କେବେ ଓ କେମିତି ଯିବେ

ଏଠାକୁ ବୁଲିଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ଗୁଜରାଟର ଅହମ୍ମଦାବାଦରେ ପହଞ୍ଚିବାକୁ ପଡ଼ିବ। ତା'ପରେ ସେଠାରୁ ଏହି ପାର୍କ ନିକଟକୁ ଯିବା ପାଇଁ ଲୋକାଲ୍ ବସ୍ ତଥା ଟ୍ୟାକ୍ସିର ସୁବିଧା ରହିଛି। ଏଠାକୁ ବୁଲିଯିବା ପାଇଁ ଅକ୍ଟୋବରରୁ ଫେବୃୟାରୀ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବା ନିମନ୍ତେ ଅନୁକୂଳ ରହିଥାଏ। ସୂଚନାନୁଯାୟୀ, ପ୍ରତି ସୋମବାର ପାର୍କ ବନ୍ଦ ରୁହେ। ତେଣୁ ସୋମବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ପର୍ଯ୍ୟଟକ ଏଠାକୁ ଯାଇ କିଛି ନିଆରା ଅନୁଭୂତି ସାଉଁଟିପାରିବେ।

**ଗୁଜରାଟର ମହିସାଗର ଜିଲା ଅନ୍ତର୍ଗତ ଏକ ସହର ହେଉଛି ବାଲାସିନୋର। ଉକ୍ତ ସହରରେ ରହିଛି ଏକ ଡାଇନୋସରର ପାର୍କ ଓ ମ୍ୟୁଜିୟମ୍; ଯେଉଁଠାରେ ପର୍ଯ୍ୟଟକ ଡାଇନୋସରଙ୍କ ଅସ୍ଥିକଙ୍କାଳ ଓ ଜୀବାଶ୍ମ ଦେଖିବା ସହ ଅନେକ କିଛି ତଥ୍ୟ ଜାଣିପାରିବେ...**



















# କ୍ୟୁଟ୍ ଡମ୍ପଲିଂ

ଖାଇବା ଜିନିଷକୁ ସୁନ୍ଦରଭାବେ ସଜାଇ ଖାଇବାର ମଜା ଅଲଗା। ସେଥିପାଇଁ ତ ହୋଟେଲରେ ଖାଦ୍ୟକୁ ଭଲଭାବେ ସଜାଇ ବା ଗାର୍ନିସ୍ କରି ପରଷାଯାଏ। ତେବେ ଗାର୍ନିସିଂ ଯଦି ଅତି ସୁନ୍ଦର ହୋଇଥାଏ କ'ଣ ତାକୁ ଖାଇବାକୁ ଇଚ୍ଛା ହେବ ? ତାଇୱାନର ମିନ୍‌ମିନ୍ ଚାଙ୍ଗ ନାମକ ଜଣେ କୁକ୍ ତିଆରି କରିଛନ୍ତି ଏଭଳି ଡମ୍ପଲିଂ(ମୋମୋ ଭଳି ଖାଦ୍ୟ) ; ଯାହାକୁ ଦେଖି ଖାଇବାକୁ ଇଚ୍ଛା ହେବ ନାହିଁ। କାରଣ ଏହି ଡମ୍ପଲିଂ ଦେଖିବାକୁ ସୁନ୍ଦର ସୁନ୍ଦର କୁନି କୁନି ମାଛ ଭଳି। ଆଉ ସେଗୁଡିକ ଏତେ କ୍ୟୁଟ୍ ଓ ଜୀବନ୍ତ ଦେଖାଯାଏ ଯେ, ହାତ ଯିବନି ତାକୁ ଉଠାଇ ପାଟିକୁ ନେବା ପାଇଁ। ଏହି ମାଛ ପରି ଡମ୍ପଲିଂ ତିଆରି କରିବା ପାଇଁ ମିନ୍‌ମିନ୍ ମଇଦା ଚକଟି ୧୦ ମିନିଟ ଓଦା କପଡା ଗୁଡାଇ ରଖନ୍ତି। ତା'ପରେ ତାକୁ ଏକ ବଡ ଛୁରିର ବ୍ଲେଡରେ ଚାରିଆଡେ ଖେଳାନ୍ତି ଓ ତା' ଉପରେ ଫୁଡ କଲର ଲଗାନ୍ତି। ତା'ପରେ ତାକୁ ଛୋଟ ଛୋଟ ପିସ୍ କରି କାଟି ତା' ଭିତରେ ଚିଙ୍ଗୁଡି, ଘୁଷୁରି ମାଂସ, ରସୁଣ, ବାଦାମ ଭଳି କିଛି ସାମଗ୍ରୀରେ ତିଆରି ଷ୍ଟଫିଙ୍ଗ ବା ପୁର ରଖନ୍ତି। ଏହାପରେ ଯାଇ ସେ ତାକୁ ମାଛର ଆକୃତି ଦିଅନ୍ତି। ଆଉ ଷ୍ଟିମ୍ କରନ୍ତି। ଷ୍ଟିମ୍ କଲାପରେ ଡମ୍ପଲିଂଗୁଡିକ ଖୁବ୍ ସୁନ୍ଦର ଓ ଜୀବନ୍ତ ଲାଗନ୍ତି। ତାଙ୍କର ଏହି ରେସିପିର ଫଟୋ ସୋସିଆଲ ମିଡିଆରେ ବହୁତ ପସନ୍ଦ କରାଯାଇଥିଲା। ଏହାର ତିଆରି କରିବା ପ୍ରକ୍ରିୟା ବି ଅନେକେ ଜାଣିବାକୁ ଚାହିଁଥିଲେ।



## କାର୍ଟୁନ କର୍ନର



# ପଣ୍ଡିତ କିଏ? କିଏ ଜ୍ଞାନୀ କିଏ?

ଆମେ ଦେଖୁ ଯେ ସଂସାରରେ ଯିଏ ଭଲ ଦି'ପଦ କହିପାରିଲା, କଥା କଥାକେ ଶାସ୍ତ୍ର ପୁରାଣର ଉଦାହରଣ ଦେଇ ପ୍ରସଙ୍ଗ ସହିତ ଜଡ଼ିତ ଥାଉ କି ନ ଥାଉ ଗଣ୍ଡାଏ ଛ'ଟା ଶ୍ଳୋକ ବୋଲି ଦେଇପାରିଲା, ତାଙ୍କୁ ସାଧାରଣତଃ ଲୋକେ ପଣ୍ଡିତ ବା ଜ୍ଞାନୀ ବୋଲି କହିଥାଆନ୍ତି। ଏହାକୁ ବିଚାର କଲେ, ପାଲା ବା ସଂକୀର୍ତ୍ତନ ଗାୟକମାନଙ୍କୁ ଲୋକେ ଢେର ସମ୍ମାନ ଦେଇଥା'ନ୍ତି। କାରଣ ସେମାନେ ବହୁତ କିଛି ଶାସ୍ତ୍ର ଘୋଷି ଥାଆନ୍ତି। ଅବଶ୍ୟ ଏ କ୍ଷେତ୍ରରେ ଯିଏ ଅଧିକ ଘୋଷିବ ସେ ଶ୍ରେଷ୍ଠ ଭାବେ ବିବେଚିତ ହେବ। ପିଲାଦିନେ ମୁଁ ପାଲା ଦେଖିବାକୁ ବହୁତ ଯାଏ। ଆଖପାଖରେ ଯେଉଁଠି ପାଲା ହେଉଥିବାର ଖବର କାନରେ ପଡ଼େ, ମୁଁ ନିଶ୍ଚିତ ଯାଇ ପହଞ୍ଚେ। ପାଲା ଗାୟକମାନେ ଶ୍ଳୋକ, ମନ୍ତ୍ର, ଛାନ୍ଦ, ଚଉପଦୀ, କବିତା ଆଦି ଅନର୍ଗଳ ଗାୟନ କରୁଥିବାର ଏ କାନ ଶୁଣେ। ମୁଁ ଭାବେ, ଏଇମାନେ ହିଁ ହେଉଛନ୍ତି ଦୁନିଆର ଜଣେ ଜଣେ ଶ୍ରେଷ୍ଠ ଜ୍ଞାନୀ। ବାସ୍ତବିକ କଥାଟି ମଧ୍ୟ ସେଇୟା। ସଂସ୍କୃତରେ ପଦ ଟିଏ ଅଛି- ଶତ ଶ୍ଳୋକେନ ପଣ୍ଡିତ। ଯିଏ ମାତ୍ର ଶହେଟି ଶ୍ଳୋକକୁ ମୁଖସ୍ଥ କରିଦେବ, ସେ ପଣ୍ଡିତ ବୋଲାଇବ। ଜଣେ ଜଣେ ପାଲା ଗାୟକ ତ ହଜାରେ ଦି' ହଜାରରୁ ଊର୍ଦ୍ଧ୍ୱ ଶ୍ଳୋକ ମନେରଖିଥା'ନ୍ତି। ତା'ପରେ ଆଉ ଗୋଟେ ବଡ଼ କଥା ହେଉଛି ଜଣେ ସାଧାରଣ ପାଲା ଗାୟକ ବର୍ଷରେ ଅତିକମ୍‌ରେ ଦୁଇ ଶହରୁ ବେଶୀ ରାତ୍ରି ପାଲା ଗାଇଥାଆନ୍ତି। ତେଣୁ ବିଭିନ୍ନ ମଞ୍ଚରେ ଶ୍ଳୋକ ବା ଉଦ୍ଧୃତିଗୁଡ଼ିକ ବାରମ୍ବାର ଗାୟନ ଫଳରେ ସେଥିରେ ସେମାନଙ୍କର ପଟୁତା ଆସି ଯାଇଥାଏ।

ତେବେ ପାଠକେ! ଆମେ ଯଦି ଗୀତା, ଭାଗବତ, ବେଦ ପୁରାଣ ବା



ଚିନ୍ମୟ ଚିନ୍ତନ
ଶ୍ରୀ ସନ୍ନ୍ୟାସୀ

ଶ୍ଳୋକ ବୋଲୁଥିବା ଲୋକମାନଙ୍କୁ ପଣ୍ଡିତ ବୋଲି ମାନିନେବା, ତେବେ ଆମେ ଗୋଟିଏ ଭୁଲ କରି ବସିବା। ଏମାନେ ଯେ ଜ୍ଞାନୀ ବା ପଣ୍ଡିତ ନୁହନ୍ତି ସେକଥା ନୁହେଁ, କିନ୍ତୁ ଜ୍ଞାନୀ ହେବା ପାଇଁ କେବଳ ଶାସ୍ତ୍ର ଘୋଷି ମନେରଖିବାଟା ଏକମାତ୍ର ଲକ୍ଷଣ, ତାହା ବି ନୁହେଁ। ଜଣେ ଶାସ୍ତ୍ର ପୁରାଣର କଥା କହିପାରେ, ଡଗ ଡଗ କରି ଶ୍ଳୋକ ଆବୃତ୍ତି କରିପାରେ, ଜ୍ଞାନ କଥା କହିପାରେ, କିନ୍ତୁ ବୃହତ୍ ଏବଂ ବିସ୍ତୃତ ଅର୍ଥରେ ବିଚାର କଲେ ଏହା ଅନୁମିତ ହୁଏ ଯେ ଏମାନେ ଜ୍ଞାନୀ ନୁହନ୍ତି, ଜ୍ଞାନ କୁହାଳିଆ। କଥାରେ ପରା ଅଛି- କହିବା ବୋଲିବା ଜ୍ଞାନ ନୁହେଁ କି ଆଖି ତରାଟିବା ଧ୍ୟାନ ନୁହେଁ। ସ୍ଥଳ ବିଶେଷରେ ପ୍ରାୟତଃ ଦେଖାଯାଏ, ଏଇ ଧରଣର ଲୋକମାନେ ପୁଳାଏ ଘୋଷିଥାଆନ୍ତି ବୋଲି ତାଙ୍କ ପାଟି ଖାଲି ଖଲଖଲ ହେଉଥାଏ, କେଉଁଠି ସୁବିଧା ପାଇଲେ କ'ଣ ଦି'ପଦ କହିବେ ବୋଲି। କେବଳ ସେତିକି ନୁହେଁ, ଏମାନଙ୍କର ଆଚରଣ ଆଉ ଉଚ୍ଚାରଣରେ ବିଭିନ୍ନତା ଥାଏ। କଥନୀ ଥାଏ ଗୋଟିଏ, କରନି ଆଉ ଗୋଟିଏ ପ୍ରକାର।

ଜ୍ଞାନୀଟିଏ ହେବା କ'ଣ ଛୋଟିଆ କଥା! ଏହା ହେଉଛି ଜନ୍ମଜନ୍ମାନ୍ତର ସାଧନାର ଫଳ। ଶ୍ରୀମଦ୍‌ଭଗବଦ୍ ଗୀତାରେ ଯୋଗେଶ୍ୱର ଶ୍ରୀକୃଷ୍ଣ କହିଲେ- 'ବାହୁନାମ ଜନ୍ମନାମନ୍ତେ ଜ୍ଞାନାନ ମାମ ପ୍ରପଦ୍ୟତେ, ବାସୁଦେବମିତି ସର୍ବ ସ ମହାତ୍ମା ସୁଦୁର୍ଲଭ।' ଅର୍ଥାତ୍ ବହୁ ସାଧନା ବଳରେ ଜଣେ ଜ୍ଞାନୀ ବା ପଣ୍ଡିତ ହୁଏ। ଏପରି ଜ୍ଞାନୀ ମହାତ୍ମା ବହୁତ ଦୁର୍ଲଭ। ଖୋଜିଲେ ବି ମିଳିବା କଷ୍ଟ। କୋଟି କରେ ଗୋଟିଏ। ଏମାନଙ୍କୁ ଦେଖିଲେ ଆଖି ପବିତ୍ର ହୋଇଯାଏ। ଜୀବନ ଧନ୍ୟ ହୋଇଯାଏ। ନିଜଠାରେ ଏବଂ ଅନ୍ୟ ସବୁଠି ଭଗବତ୍ ସତ୍ତାକୁ ଅନୁଭବ କରିପାରୁଥିବାରୁ ସଂସାରର ସମସ୍ତ ଦୁଃଖ ସୁଖ ବି ତାଙ୍କ ନିଜର ଦୁଃଖ ସୁଖ ପାଲଟିଯାଏ। ନଚେତ୍ ନିଜର କେହି ଜଣେ ଅନ୍ତରଙ୍ଗ ଭକ୍ତକୁ ଅଦୂରରେ କୋଉଠି ଡକାୟତମାନେ ନିଷ୍ଠୁର ପ୍ରହାର କରୁଥିବା ବେଳେ ଏଣେ ରାମକୃଷ୍ଣ ଏକ ଦଉଡ଼ିଆ ଖଟିଆ ଉପରେ ପଡ଼ି ଚିତ୍କାର କରୁ ନ ଥା'ନ୍ତେ। ନିଜର ଏକନିଷ୍ଠ ଭକ୍ତଙ୍କ ରୋଗ ବ୍ୟାଧିକୁ ନିଜ ଦେହକୁ ଆଣି ଯନ୍ତ୍ରଣା ଭୋଗିଥିବା ବହୁ ସାଧୁସନ୍ଥଙ୍କ ଉଦାହରଣ ବି କମ୍ ନାହିଁ ଆମ ଭାରତବର୍ଷରେ। ଜଣେ ଭକ୍ତର ଦୁରାରୋଗ୍ୟ କୁଷ୍ଠ ରୋଗକୁ ନିଜେ ଭୋଗିଲେ ଜନୈକ ସନ୍ଥ। ପାଠକେ! ଟିକେ ଚିନ୍ତା କଲେ ସନ୍ଥଙ୍କୁ କ'ଣ ଯନ୍ତ୍ରଣାର ଅନୁଭବ ହେଉ ନ ଥିବ। ଆମ ଦେହରେ ଛୁଞ୍ଚି କିମ୍ବା ବାଟରେ ଚାଲୁଚାଲୁ କଣ୍ଟାଟିଏ ଫୁଟିଗଲେ ଆମକୁ ଯନ୍ତ୍ରଣା ହେଉଛି। ତେବେ ଜ୍ଞାନୀ ମହାପୁରୁଙ୍କୁ କିପରି ହେଉ ନ ଥିବ ମ!



ଜଣେ ଅସଲ ଜ୍ଞାନୀ ବା ପଣ୍ଡିତଙ୍କ ପାଖରେ ଥିବା ଅନେକ ଲକ୍ଷଣ ଭିତରୁ ଇଏ ଏକ ସଚ୍ଚା ଲକ୍ଷଣ ଯେ, ସେମାନଙ୍କର ଦେହବୋଧ ନ ଥାଏ। ଦେହବୋଧର ଅର୍ଥ ହେଉଛି ଶରୀରକୁ ନିଜର ବୋଲି ଭାବିବା। ଯେ ପର୍ଯ୍ୟନ୍ତ ନିଜକୁ ଶରୀର ବୋଲି ଭାବୁଥିବା, ସେତେବେଳ ପର୍ଯ୍ୟନ୍ତ ଯନ୍ତ୍ରଣା ରହିବ ହିଁ ରହିବ। ମୁଁ ଅଲଗା- ଶରୀର ଅଲଗା ବୋଲି ଥରେ, ହଁ କେବଳ ଥରେମାତ୍ର ବୋଧ ହୋଇଗଲେ ତେଣିକି ଆମ ଶରୀରକୁ ଖଣ୍ଡାରେ ହାଣିଲେ ବି କିଛି ଯନ୍ତ୍ରଣା ଅନୁଭବ ହେବନି।

ଆମେ ଯେତେବେଳେ କହୁ ମୋ କାର ବୋଲି, ସେତେବେଳେ ଏହା ସ୍ପଷ୍ଟ ଯେ କାର ବୋଲି ବସ୍ତୁଟି ଅଲଗା। ମୁଁ ଅଲଗା। କାରକୁ ଆଘାତ ଦେଲେ ଆପଣଙ୍କୁ କାଟେ କି? ଆଦୌ ନୁହେଁ। କାରଣ? ଆପଣ ମୂଳରୁ ହିଁ ଭାବି ନେଇଛନ୍ତି ଯେ କାର ଏବଂ ଆପଣ ସମ୍ପୂର୍ଣ୍ଣ ଅଲଗା। କିନ୍ତୁ ଆପଣଙ୍କୁ ଯଦି ପଚରାଯିବ, ଏ ଶରୀରଟା କାହାର? ଆପଣ କହିବେ 'ମୋର'। ମୋ ଶରୀର ମାନେ ହିଁ ହେଉଛି ମୁଁ ଶରୀରଠାରୁ ସମ୍ପୂର୍ଣ୍ଣ ଅଲଗା। କିନ୍ତୁ ଆମ ଭାବନା ରହିଯାଇଛି ଯେ ମୁଁ ଶରୀରଠାରୁ ଭିନ୍ନ ନୁହେଁ। ସେଥିପାଇଁ ଶରୀରରେ କଣ୍ଟା ଫୁଟିଗଲେ ଆମକୁ କାଟୁଛି। ମୁଁ ଏବଂ ଶରୀର- ଏ ଦୁଇଟି ଅଲଗା ବୋଲି ବଦ୍ଧମୂଳ ଧାରଣା ହୋଇଗଲେ ଶରୀରର ଦୁଃଖ କଷ୍ଟ ଆଉ ଜଣାପଡ଼ିବ ନାହିଁ। ଗୋଟିଏ ମଣିଷ ଏହି ଅବସ୍ଥାରେ ପହଞ୍ଚିଗଲା ପରେ ହିଁ ପଣ୍ଡିତ ବା ଜ୍ଞାନୀ ପଦବାଚ୍ୟ ହୋଇଥାଏ।

ସାରଦା ମା'ଙ୍କ ଗୋଡ଼ରେ ବଥଟିଏ ହେଲା। ନିଶ୍ଚେତକ ପ୍ରୟୋଗ କରି ଅପରେଶନ କରିବାକୁ ଡାକ୍ତରମାନେ ଯେତେ ବୁଝାଇଲେ ବି ମା' ଆଦୌ ରାଜି ହେଲେନି। ବିନା ନିଶ୍ଚେତକରେ ବଥର ଅପରେଶନ ହେଲା। ଏହି ସମୟରେ ମା'ଙ୍କ ଶାନ୍ତ ସ୍ନିଗ୍ଧ ମୁଖମଣ୍ଡଳକୁ ଦେଖି ସ୍ୱୟଂ ଡାକ୍ତରମାନେ ମଧ୍ୟ ସେଦିନ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ଯିଶୁଙ୍କୁ କ୍ରୁଶବିଦ୍ଧ କରାଗଲା। ତାଙ୍କ ଆଖିରୁ ଟୋପାଏ ଲୁହ ଝରିବା କେହି ବି ଦେଖି ନ ଥିବେ। ଏହା ହେଉଛି ଦେହାତିତ ଅବସ୍ଥା। ଏହା ହେଉଛି ପ୍ରକୃତରେ ଜଣେ ଜ୍ଞାନୀର ଲକ୍ଷଣ। ମହାପୁରୁଷର ଲକ୍ଷଣ ଆମ ସମାଜରେ ଆତଯାତ ହେଉଥିବା ଯେଉଁ ମଣିଷମାନଙ୍କ ପଛରେ 'ପଣ୍ଡିତ' ବା ଜ୍ଞାନୀ ଉପାଧି ଯୋଡ଼ାଯାଉଛି ବା ଯାଇଛି ବା ଯେଉଁ ସମ୍ମାନ ଆଶାୟୀ ମନକୁ ମନ ନିଜେ ପଣ୍ଡିତ ବିଶେଷଣ ଲଗାଇ ଦେଇ ମହାଖୁସି ଅନୁଭବ କରୁଛନ୍ତି ଅବା ଯେଉଁମାନେ ଦାଢି ଜଟା ଛାଡି, ଗେରୁଆ ପିନ୍ଧି ନିଜକୁ ସନ୍ଥ, ଭଗବାନ ବା ଇଶ୍ୱରଙ୍କ ପ୍ରତିନିଧି ବୋଲି ଚିତ୍କାର ଛାଡୁଛନ୍ତି, ସେମାନଙ୍କ ଅସଲି ପଣିଆକୁ ଜାଣିବା ପାଇଁ ସେମାନଙ୍କ ଚାଲିଚଳନକୁ ଖୁବ ନିକଟରୁ ଅନୁଧ୍ୟାନ କରାଯାଉ। ସେମାନଙ୍କ ମୁହଁରୁ ରୋଗ ବୈରାଗଜନିତ ଯନ୍ତ୍ରଣାର ଆର୍ତ୍ତନାଦର ସାମାନ୍ୟ ଅସ୍ପଷ୍ଟ ସ୍ୱର କେବେ ଯଦି ପ୍ରକାଶିତ ହୁଏ, ତେବେ ଜାଣିବେ ସେମାନେ ବେଙ୍ଗି ପିତ୍ତଳ। ଆଉ ଯଦି ଯାବତୀୟ ଶାରୀରିକ ଯାତନାରେ ତାଙ୍କ ମୁହଁର ଭାବ ଭଙ୍ଗୀ ଯଦି ସ୍ଥିର ଆଉ ନିଶ୍ଚଳ, ତେବେ ସେ ହେଉଛନ୍ତି ବାଇଶି କ୍ୟାରେଟ ହଲ ମାର୍କା ସୁନା। ଏଇମାନେ ହିଁ ହେଉଛନ୍ତି ଜ୍ଞାନୀ ଆଉ ପଣ୍ଡିତ। 'ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତ' ଭାବାର୍ଥ ଟିକକ ହିଁ ମହାପୁରୁଷଙ୍କ ନିକଟରେ ଥାଏ। ଗାନ୍ଧୀଙ୍କ ପଦଯାତ୍ରା ବେଳେ କେହି ଜଣେ ବିରୋଧୀ ତାଙ୍କ ରାସ୍ତାରେ ପୁଳାଏ କଣ୍ଟା ପକାଇ ଯାତ୍ରାକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କଲା। ଗାନ୍ଧୀ ସେ କଣ୍ଟାକୁ ଭ୍ରୂକ୍ଷେପ ନ କରି ଖାଲି ପାଦରେ ତା' ଉପରେ ଚାଲିବା ଆରମ୍ଭ କରିଦେଲେ। ଗୋଡ଼ରେ ମୁନିଆ କଣ୍ଟା ଗୁଡିକ ଟପ ଟାପ ହୋଇ ଫୁଟି ଗଲା। ରକ୍ତର ଧାର ବୋହିଲା। ଗାନ୍ଧୀ ତଥାପି ଅବିଚଳିତ। ଦେହ ବୋଧରୁ ଊର୍ଦ୍ଧ୍ୱକୁ ନ ଉଠିଲେ ଏପରି ପ୍ରତିଫଳନ ମନୁଷ୍ୟଠାରେ ଦେଖାଯାଏନା।

*-ଦିବ୍ୟାଲୋକ ସଂଧାନେ, ରାମନଗର, ତେଲେଙ୍ଗା ପେଣ୍ଠ, କଟକ*

# ଘର ବଡ଼ ଦେଖାଯିବା ପାଇଁ...



**ସମସ୍ତଙ୍କର ଇଚ୍ଛା ଘର ଟିକେ ବଡ଼ ହୋଇଥିବ, ଖୋଲା ଖୋଲା ଲାଗୁଥିବା କିନ୍ତୁ ଜାଗା ଆଉ ଘରର ଦାମ୍ ଯାହା, ସେଥିରେ ବଡ଼ ଘରଟେ କିଣିବା ଅନେକଙ୍କ ପାଇଁ ସ୍ୱପ୍ନ। କିନ୍ତୁ ଏ ସ୍ୱପ୍ନ ପୂରଣ ହୋଇପାରିବ, ଯଦି ଘରର ରଙ୍ଗ ଉପରେ ଧ୍ୟାନ ଦେଇ ଆସବାବପତ୍ରକୁ ଠିକ୍ ଭାବରେ ସଜାଇପାରିବେ। ଏଥିରେ ଆପଣଙ୍କ ଛୋଟ ଘର ବି ଲାଗିବ ଖୋଲା ଖୋଲା....**

- ➔ ଘରର ରଙ୍ଗ ଯଦି ଧଳା କିମ୍ବା ଲାଇଟ୍ କଲର ରଖିବେ, ତା'ହେଲେ ଘର ବଡ଼ ଦେଖାଯିବ।
- ➔ ବେଡ୍‌ରୁମରେ ଯେତେ ସମ୍ଭବ କମ୍ ଜିନିଷ ରଖନ୍ତୁ।
- ➔ ବେଡ୍‌ରୁମ୍‌ର ତିନୋଟି କାନ୍ଥକୁ ଲାଇଟ୍ କଲର କରି ଗୋଟେ କାନ୍ଥକୁ ଡିପ୍ କରନ୍ତୁ। ନଚେତ୍ ଟାଇଲ୍ସ ବା ୱାଲପେପର ଲଗାନ୍ତୁ। ଘର ସୁନ୍ଦର ଦେଖାଯିବା ସହ ବଡ଼ ବି ଦେଖାଯିବ।
- ➔ ଲିଭିଂ ରୁମରେ ସୋଫା ଯଦି ଲମ୍ବାରେ ପକାଇବେ, ଘର ବଡ଼ ଦେଖାଯିବ। ଉକ୍ତ ରୁମରେ ଛୋଟ ବଦଳରେ ବଡ଼ ଏବଂ କମ୍ ଫର୍ଣ୍ଣିଚର ରଖନ୍ତୁ।
- ➔ ରୋଷେଇ ଘର ଯଦି ମଡ୍ୟୁଲାର କିଚେନ୍, ତା'ହେଲେ କ୍ୟାବିନେଟ୍‌ରେ ଯେତେ ସମ୍ଭବ କମ୍ ହ୍ୟାଣ୍ଡେଲ ବ୍ୟବହାର କରନ୍ତୁ। ଏହାକୁ ବି ଲାଇଟ୍ କଲର୍ ରଖନ୍ତୁ, ଘର ବଡ଼ ଦେଖାଯିବ।
- ➔ ଘର କାନ୍ଥରେ ବଡ଼ ବଡ଼ ମିରର୍ ବା ବଡ଼ କାଚରେ ଡେକୋରେଟ୍ କରାନ୍ତୁ, ଘର ବଡ଼ ଲାଗିବ।
- ➔ ଝରକାର ସ୍କ୍ରିନ୍ ବହୁତ ଲମ୍ବା ଲଗାନ୍ତୁ। ଏଥିରେ ବି ଘର ବଡ଼ ଦେଖାଯିବ।





# କ୍ରେଡିଟ୍ କାର୍ଡ ରଖି ରେକର୍ଡ

ଆଜିକାଲି ସମସ୍ତେ କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି। ଟଙ୍କାର ଆବଶ୍ୟକତା ଥିଲେ କ୍ରେଡିଟ୍ କାର୍ଡର ସାହାରା ନିଆଯାଏ। ତେଣୁ ସମସ୍ତଙ୍କ ପାଖରେ ୨-୩ଟି କ୍ରେଡିଟ୍ କାର୍ଡ ତ ନିଶ୍ଚୟ ଥାଏ। କିନ୍ତୁ ଜଣେ ବ୍ୟକ୍ତି ୧୪୯୭ଟି ବ୍ୟାଙ୍କର କ୍ରେଡିଟ୍ କାର୍ଡ ରଖି ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ ୮୦୦ କାର୍ଡ ବୈଧ ଅଟେ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ୱାଲ୍ଟର କାୱାନାଗ। ୱାଲ୍ଟର ୧୭ ଲକ୍ଷ ଡଲାରର କ୍ରେଡିଟ୍ ସହ ସର୍ବାଧିକ କ୍ରେଡିଟ୍ କାର୍ଡ ରଖିଛନ୍ତି। କେବଳ ସେତିକି ନୁହେଁ, ପୃଥିବୀର ସବୁଠାରୁ ଲମ୍ବା ୱାଲେଟ୍ ରଖିବା ପାଇଁ ତାଙ୍କୁ ମିଷ୍ଟର ପ୍ଲାଷ୍ଟିକ ଫାଣ୍ଟାଷ୍ଟିକର ମାନ୍ୟତା ବି ମିଳିଛି। ୧୯୭୧ ମସିହାରେ କାୱାନାଗଙ୍କ ନାମ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା। ଆଶ୍ଚର୍ଯ୍ୟର କଥା ଯେ, ତାଙ୍କ ପକେଟ୍‌ର ଓଜନ ୧୭ କି.ଗ୍ରା. ; ଯେଉଁଥିରେ ସେ ନିଜର ୧୪୯୭ କାର୍ଡ ସହ ଆହୁରି ଅନେକ କାର୍ଡ ବି ରଖନ୍ତି। ନିଜର ଅଦ୍ଭୁତ ସଉକ ସମ୍ପର୍କରେ ୱାଲ୍ଟର କହନ୍ତି, କାର୍ଡ ରଖିବା ସଉକ ତାଙ୍କର ୧୯୬୦ ମସିହାରୁ ଆରମ୍ଭ ହୋଇଥିଲା। ଦିନେ ସେ ନିଜ ସାଙ୍ଗ ସହ ଏକ ସର୍ତ୍ତ ରଖିଥିଲେ କି ବର୍ଷ ଶେଷ ବେଳକୁ ଯାହା ପାଖରେ ଅଧିକ କ୍ରେଡିଟ୍ କାର୍ଡ ଥିବ ସେ ହୋଟେଲରେ ମନ ପସନ୍ଦର ଖାଦ୍ୟ ଖାଇବ। ଆଉ ତା'ର ବିଲ୍ ଅନ୍ୟ ସାଙ୍ଗ ଭରିବ। ବର୍ଷ ଶେଷ ବେଳକୁ ତାଙ୍କ ପାଖରେ ୧୪୩ଟି କାର୍ଡ ହୋଇଯାଇଥିଲା। ତାଙ୍କ ସାଙ୍ଗ ପାଖରେ ୧୩୮ଟି କାର୍ଡ ଥିଲା। ତେଣୁ ସେ ସର୍ତ୍ତ ଜିତିଯାଇଥିଲେ। ସେବେଠାରୁ ସେ କାର୍ଡ ଜମା କରିବା ଆରମ୍ଭ କରିଥିଲେ। ଆଉ ଶେଷରେ ସେ ଏତେ କାର୍ଡ ଜମା କରିଦେଲେ ଯେ, ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲେ।

# କଳାକାର ମହୁମାଛି

ମହୁମାଛିଙ୍କ ପାଇଁ ଆମେ ମିଠା ମିଠା ମହୁ ପାଉ ବୋଲି ସମସ୍ତେ ଜାଣନ୍ତି। ତେବେ ଜାଣନ୍ତି କି ମହୁମାଛିଙ୍କଠାରେ ଏକ କଳାକାର ଗୁଣ ବି ଅଛି ବୋଲି। ସେମାନେ ବି ମଣିଷଙ୍କ ଭଳି ସୁନ୍ଦର ସୁନ୍ଦର କଳାକୃତି ତିଆରି କରିପାରନ୍ତି। ବିଶ୍ୱାସ ନ ହେଲେ ବି ଏହା ସତ। ସ୍ଲୋଭାକିଆର ତୋମାସ୍ ଲିବର୍ଟିନି ନାମକ ଜଣେ କଳାକାର ନିକଟରେ ମାଟି, ପଥରରେ ମୂର୍ତ୍ତି ନ କରି ମହୁମାଛିଙ୍କୁ ମୁଖ୍ୟ କାରିଗରଭାବେ ବ୍ୟବହାର କରି ତିଆରି କରିଛନ୍ତି ଇଜିପ୍ଟର ସୁନ୍ଦରୀ ରାଣୀ ନେଫରଟିଟିଙ୍କ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତି ସମ୍ପୂର୍ଣ୍ଣଭାବେ ମହୁଫେଣାରେ ତିଆରି। ଏଥିରେ ସେ ୬୦୦୦୦ ମହୁମାଛିଙ୍କ ସାହାଯ୍ୟ ନେଇଥିଲେ। ତେବେ ପ୍ରଥମେ ସେ ନେଫରଟିଟିଙ୍କର ଏକ ୩ଡି ଫ୍ରେମ୍ ତିଆରି କରିଥିଲେ। ଆଉ ଏହାପରେ ଯାଇ ମହୁମାଛିଙ୍କୁ ବ୍ୟବହାର କରିଥିଲେ ସେଥିରେ ମହୁଫେଣା କରିବା ପାଇଁ। ସେହି ଫ୍ରେମ୍ ଉପରେ ମହୁମାଛିଗୁଡ଼ିକ ମହୁଫେଣା କରି କରି ଶେଷରେ ତାହା ନେଫରଟିଟିର ରୂପ ପାଇଥିଲା। ଏହି ପ୍ରକ୍ରିୟା ବହୁତ ଲମ୍ବା ଥିଲା। ପ୍ରାୟ ୨ ବର୍ଷର ସମୟ ଲାଗିଥିଲା। ନେଫରଟିଟି ପ୍ରତିମୂର୍ତ୍ତି ବ୍ୟତୀତ ସେ ଆହୁରି ବି ଅନେକ ପ୍ରତିମୂର୍ତ୍ତି ଯେମିତି କି ବିଭିନ୍ନ ଡିଜାଇନ୍‌ର ଫ୍ଲାୱାରଭେସ୍, ଆଲାଦିନ୍‌ର ମ୍ୟାଜିକ୍ ଲ୍ୟାମ୍ପ ଆଦି ମହୁଫେଣାରେ ତିଆରି କରିଛନ୍ତି। ଏଗୁଡିକ ବି ବେଶ୍ ସୁନ୍ଦର ଦେଖାଯାଏ। ତୋମାସ୍ ଓ ମହୁମାଛିଙ୍କ ଦ୍ୱାରା ତିଆରି ଏହି ସବୁ କଳାକୃତି ନେଦରଲାଣ୍ଡର ରେଡମେକର୍ସ ଗ୍ୟାଲେରିରେ ପ୍ରଦର୍ଶିତ ହେଉଛି।











ବ୍ୟାକ୍ ପେଜ୍



# ବ୍ୟାଗ ଭିତରେ ହୃତପିଣ୍ଡ

୪୨ ବର୍ଷୀୟା ସଲୱା ହୁସେନ ଦୁଇ ସନ୍ତାନର ମା' ଅଟନ୍ତି। ହସ ହସ ମୁହଁ ତାଙ୍କର ଦେଖିଲେ କେହି ହୁଏତ ବିଶ୍ୱାସ କରିବେନି ସେ କେତେ ବଡ଼ ରୋଗ ସହ ପ୍ରତିମୁହୂର୍ତ୍ତ ଲଢୁଛନ୍ତି। ସଲୱାଙ୍କୁ କିଛି ବର୍ଷ ତଳେ ହୃଦ୍‌ଘାତ ହୋଇଥିଲା। ଏହାଦ୍ୱାରା ତାଙ୍କ ହୃତପିଣ୍ଡ କାମ କରିବା ବନ୍ଦ କରିଦେଇଥିଲା। ଯଦିଓ ଏହାର ଠିକ୍ ପୂର୍ବରୁ ସେ ନିଜେ ଗାଡି ଡ୍ରାଇଭ୍ କରି କିଛି ଦୂରରେ ଥିବା ଫ୍ୟାମିଲି ଡାକ୍ତରଙ୍କ ଘରକୁ ପହଞ୍ଚି ଯାଇଥିଲେ। କାରଣ ଘଟଣା ସମୟରେ ସେ ଘରେ ଏକୁଟିଆ ଥିଲେ। ଏହାପରେ ଡାକ୍ତର ତାଙ୍କୁ ହସ୍ପିଟାଲ ନେଇ ଚିକିତ୍ସା କରିଥିଲେ। ୪ ଦିନ ସେଠାରେ ଚିକିତ୍ସିତ ହେବା ପରେ ତାଙ୍କୁ ଅନ୍ୟ ଏକ ମେଡିକାଲ ରେଫର୍ କରାଗଲା। ସେଠାକାର ଡାକ୍ତର ତାଙ୍କର ଏକ ଅଜବ ଅପରେସନ୍ କଲେ। ତାଙ୍କ ଛାତିରେ ପାୱାର ପ୍ଲାଷ୍ଟିକ ଚାମ୍ବର ଲଗାଇଦେଲେ। ଏଥିରେ ଦୁଇଟି ପାଇପ୍ ଯୋଡା ଗଲା ; ଯାହା ଅମ୍ଳଜାନ ସପ୍ଲାଏ କଲା। ଆଉ ସଲୱା ଏକ ବ୍ୟାଟେରି ଚାଳିତ ଡିଭାଇସ୍, ଯାହାକୁ ହୃତପିଣ୍ଡ କୁହାଯାଇପାରେ। ଏହାକୁ ବ୍ୟାଗରେ ନେଇ ଚାଲନ୍ତି। ଏହାର ଓଜନ ୬.୮ କି.ଗ୍ରା.। ଏହା ବିଜୁଳି ଅବା ବ୍ୟାଟେରିରେ ଚାଲିଥାଏ। ଏହି ମେଶିନ୍ ମାଧ୍ୟମରେ ପ୍ଲାଷ୍ଟିକ ଚାମ୍ବରକୁ ଅମ୍ଳଜାନ ଯୋଗାଯାଏ। ଯଦି ବ୍ୟାଟେରି ଖରାପ କିମ୍ବା ବନ୍ଦ ହୋଇଯାଏ ତେବେ ମାତ୍ର କିଛି ସେକେଣ୍ଡ ଭିତରେ ବଦଳାଯାଏ। ଏଭଳି ସ୍ଥିତି ଲାଗି ସଲୱାଙ୍କ ସ୍ୱାମୀ ତାଙ୍କ ସହ ସବୁବେଳେ ଥାଆନ୍ତି। ଡେଲିମେଲ୍‌ର ରିପୋର୍ଟ ମୁତାବକ ଏହି ଡିଭାଇସ୍‌ର ମୂଲ୍ୟ ପ୍ରାୟ ୮୫ ଲକ୍ଷ। ଏଭଳି କଠିନ ପରିସ୍ଥିତିରେ ବି ସଲୱା ସବୁବେଳେ ହସୁଥାଆନ୍ତି। ସେ କହନ୍ତି, ଭଗବାନ ମତେ ଯେମିତି ଜୀବନ ଦେଇଛନ୍ତି, ସେଥିରେ ମୁଁ ଖୁସି ଅଛି।